## ନୟାହାଟରେ ଟ୍ରାଫିକ୍ ସମସ୍ୟା; ଆମ୍ବୁଲାନ୍ସକୁ ମିଳୁନି ରାସ୍ତା



ନୟାହାଟ,୧୦।୧(ସମିସ): ନୟାହାଟ ଅଞ୍ଚଳରେ ସରକାରୀ ଜାଗା ଜବରଦଖଲ ଯୋଗୁଁ ପ୍ରତିଦିନ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ସୋମବାର, ବୁଧବାର, ଶୁକ୍ରବାର, ରବିବାର ହାଟ ଦିନମାନଙ୍କରେ ରାସ୍ତା ପାଶ୍ୱର୍ରେ ବାଇକ୍, ଅଟୋ ଥୁଆ ହେବା ଫଳରେ ସାଧାରଣ ଲୋକ, ଯାତ୍ରୀବାହୀ ବସ୍ ଓ ମାଲ୍‌ବାହୀ ଟ୍ରକ୍ ଯାତାୟାତରେ ଘୋର୍ ଅସୁବିଧା ଉପୁଜୁଛି। ଘଣ୍ଟା ଘଣ୍ଟା ଧରି ମୁଖ୍ୟ ରାସ୍ତା ଉପରେ ଆମ୍ବୁଲାନ୍ସ, ବାଇକ୍ ଅଟକି ରହିଥାଏ। ଶିଙ୍ଗପାନିଆଠାରୁ ନୟାହାଟ ହାଇସ୍କୁଲ ପର୍ଯ୍ୟନ୍ତ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥାଏ। ଯାହାକି ପୁଲିସକୁ ଦୁଇରୁ ତିନି ଘଣ୍ଟା ନାକେଦମ୍ ହେବାକୁ ପଡ଼ିଥାଏ। କାକଟପୁର, ଗୋପ, ଚାରିଛକ ବଜାରରୁ ଜବରଦଖଲ ହଟାଯାଇଥିବା ବେଳେ ନୟାହାଟ ବଜାରରୁ ସେହିପରି ଉଚ୍ଛେଦ କରିବା ପାଇଁ ବାରମ୍ବାର ଦାବି ହେଉଥିବାବେଳେ ପ୍ରଶାସନ ତରଫରୁ କାହିଁକି ବିଳମ୍ବ ହେଉଛି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଡାହାଣ ପଟରୁ ବାମ ପଟ ରାସ୍ତା ପାର୍ ହେବା ପାଇଁ ୨୦ ମିନିଟ୍ ସମୟ ଲାଗିଥାଏ। ଉକ୍ତ ରାସ୍ତା ଦେଇ ତହସିଲ୍‌ଦାର, ଆର୍‌ଆଇ, ବିଭିନ୍ନ ବିଭାଗୀୟ ଅଧିକାରୀ ଯାତାୟାତ କରୁଥିଲେ ମଧ୍ୟ ଟ୍ରାଫିକ୍ ସମସ୍ୟାରେ ଘଣ୍ଟା ଘଣ୍ଟା ଫସିରହୁଛନ୍ତି। ଏହା ପରେ ବି ନିଦ ଭାଙ୍ଗୁନାହିଁ କାହିଁକି ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି। ୧୯୯୩ ମସିହାରେ ନୟାହାଟରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ୨୫ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଯାହାଫଳରେ ନୟାହାଟରେ ଟ୍ରାଫିକ୍ ସମସ୍ୟା ଗୁରୁତର ହେବାରେ ଲାଗିଛି। ଏ ଦିଗରେ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦାବି ହେଉଛି।

## ନୟାହାଟରୁ ଶିଖରଘାଟ ରାସ୍ତା ନିର୍ମାଣରେ ବିଳମ୍ବ



ନୟାହାଟ,୧୦।୧(ସମିସ): ନୟାହାଟରୁ ଶିଖରଘାଟ ରାସ୍ତା ଦୀର୍ଘ ୩ କି.ମି. ନରସିଂହପୁରରୁ ନୟାହାଟ ପର୍ଯ୍ୟନ୍ତ ରାସ୍ତା ମେଣ୍ଟାଲ୍ ଉଠି ବଡ଼ ବଡ଼ ଖାଲଖମାରେ ପରିଣତ ହୋଇଛି। ପ୍ରତିଦିନ ବାଲିବୋଝେଇ ଗାଡ଼ି, ଯାତ୍ରୀବାହୀ ବସ୍ ଯାତାୟାତ ଫଳରେ ବାଲି ଧୂଳି ଉଡ଼ି ପରିବେଶକୁ ପ୍ରଦୂଷିତ କରୁଛି। ଏହି ରାସ୍ତା ଉପରେ ଧୂମାଳ, ବିନିଶିପୁରୁ, ନିଭରଣ ପଞ୍ଚାୟତର ଲୋକମାନେ ନିର୍ଭର କରିବା ସହ ନୟାହାଟ ବଜାରକୁ ଯାତାୟାତ କରନ୍ତି। ଉକ୍ତ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ନୂତନ ରାସ୍ତା ନିର୍ମାଣ ପାଇଁ ସମାଜସେବୀ ଅଭିମନ୍ୟୁ ସିଂହ, ଧୂମାଳ ସରପଞ୍ଚ ମୋନାଲିସା ସିଂହ, ଅଶୋକ ସାହୁ, ସହଦେବ ମାଣିକ, ସମିତିସଭ୍ୟା ଭାନୁମତୀ ମାଣିକ, ଦିଲ୍ଲୀପ ରାୟ, ବ୍ୟବସାୟୀ ସଂଘର ସଭାପତି ଫକୀର ବାରିକ ପ୍ରମୁଖ ରାସ୍ତା ନିର୍ମାଣ ନ ହେଲେ ଜନଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ନୟାହାଟ ଶିଖରଘାଟ ରାସ୍ତା ଟେଣ୍ଡର ହେବାକୁ ଯାଉଥିବାରେ ବିଳମ୍ବ ହେବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

### ୨୩ରୁ ୨୦ ସେବା ସମବାୟ ସମିତିର ନାହିଁ ସ୍ଥାୟୀ କାର୍ଯ୍ୟାଳୟ

# ମଣ୍ଡିରେ ଧାନ ରଖି ଟୋକନ ଅପେକ୍ଷାରେ ଚାଷୀ



ଡେଲାଙ୍ଗ,୧୦।୧(ସମିସ): ଡେଲାଙ୍ଗ ବ୍ଲକ୍‌ରେ ମୋଟ ୨୩ ସେବା ସମବାୟ ସମିତି ମଧ୍ୟରୁ ୨୦ ସମିତିର ସ୍ଥାୟୀ କାର୍ଯ୍ୟାଳୟ ନାହିଁ। ସେଗୁଡ଼ିକ ମଧ୍ୟରୁ ଅନେକ ସେବା ସମବାୟ ସମିତି ଭଡ଼ାଘରେ ଚାଲୁଥିବାବେଳେ ଅନେକ ସମିତିର କୌଣସି କାର୍ଯ୍ୟାଳୟ ନ ଥିବାରୁ ପଞ୍ଜୀକରଣଠାରୁ ଆରମ୍ଭ କରି ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ଚାଷୀ ସମସ୍ୟା ଭୋଗୁଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ୨୩ଟି ସମିତି ମଧ୍ୟରୁ ଡେଲାଙ୍ଗ-କୋଠବାଡ଼, ପ୍ରଗତୀ ଓ ରତ୍ନଚିରା ସେବା ସମବାୟ ସମିତିର ସ୍ଥାୟୀ କାର୍ଯ୍ୟାଳୟ ରହିଥିବାବେଳେ ସିଂହବ୍ରହ୍ମପୁର ଓ ହରିପୁର ସମିତିର କାର୍ଯ୍ୟାଳୟ କାମ ଚାଲୁ ରହିଛି। କାର୍ଯ୍ୟାଳୟ ନ ଥିବା ତଥା ଭଡ଼ାଘରେ ଚାଲୁଥିବା ସମିତିଗୁଡ଼ିକର ଜମି ଚିହ୍ନଟ କରାଯାଇ ସମବାୟ ବିଭାଗ ପକ୍ଷରୁ ସ୍ଥାନୀୟ ତହସିଲ୍ କାର୍ଯ୍ୟାଳୟକୁ ଅନୁମୋଦନ ନିମନ୍ତେ ପଠାଯାଇଛି। ସେଥିମଧ୍ୟରୁ ୬ଟି ସମିତିର ଜମିକୁ ତହସିଲ୍ କାର୍ଯ୍ୟାଳୟ ପକ୍ଷରୁ ଅନୁମୋଦନ ନିମନ୍ତେ ଖୋର୍ଦ୍ଧା ବନାଞ୍ଚଳ ଅଧିକାରୀଙ୍କୁ ପଠାଯାଇଥିବା ଜଣାପଡ଼ିଛି। ଅନୁମୋଦନ ହୋଇ ଆସିବା ପରେ ଏହି ଜମିଗୁଡ଼ିକରେ କାର୍ଯ୍ୟାଳୟ ଗୃହ, ଶୌଚାଳୟ, ଗୋଦାମ ଗୃହ ଆଦି ନିର୍ମାଣ କରାଯିବ ବୋଲି ସମବାୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ସେବା ସମବାୟ ସମିତିଗୁଡ଼ିକରେ ମଣ୍ଡି ଖୋଲିବା ପାଇଁ ସ୍ୱତନ୍ତ୍ର ସ୍ଥାନ ନ ଥିବାରୁ ଧାନବସ୍ତା ରଖିବା ପାଇଁ ସ୍ଥାନୀୟ ଚାଷୀ ନିକଟସ୍ଥ ମେଳଣ ପଡ଼ିଆ, ଖେଳ ପଡ଼ିଆ ଓ ଖାଲି ପଡ଼ିଥିବା ସ୍ଥାନଗୁଡ଼ିକ ଉପରେ ନିର୍ଭର କରୁଛନ୍ତି। ସେହିପରି ନିଜସ୍ୱ ଖଳାବାଡ଼ି ନ ଥିବା ଚାଷୀ ଏହି ସ୍ଥାନମାନଙ୍କରେ ମଣ୍ଡି ଖୋଲିବା ପୂର୍ବରୁ ଧାନ ଶୁଖାଇବା ଓ ବସ୍ତାକରି ଗଚ୍ଛିତ ରଖୁଥିବା ଦେଖିବାକୁ ମିଳୁଛି।

ଜାନୁଆରୀ ୧୦ ତାରିଖ ପରଠାରୁ ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଧାନମଣ୍ଡି ଖୋଲିବ ବୋଲି ସମବାୟ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଚାଷୀଙ୍କୁ ଅବଗତ କରାଯାଇଥିଲା। ଫସଲ କ୍ଷେତରୁ ଅମଳ ପରେ ଅନେକ ଚାଷୀ ଧାନଗୁଡ଼ିକୁ ବସ୍ତାକରି ନିଜ ଘରେ ଗଚ୍ଛିତ ରଖିଥିବା ବେଳେ ଆଉ କେତେକ ଚାଷୀ ମଣ୍ଡି ଖୋଲିବା ସ୍ଥାନରେ ଧାନବସ୍ତା ରଖିବା ଆରମ୍ଭ କଲେଣି। ହେଲେ ମଣ୍ଡିଗୁଡ଼ିକରେ ଏପର୍ଯ୍ୟନ୍ତ କୌଣସି ପୂର୍ବ ପ୍ରସ୍ତୁତି କରାଯାଇ ନାହିଁ। ଫଳରେ ଏବେଠାରୁ ଚାଷୀ ଅନ୍ଧାର ରାତିର ଶୀତ କାକରରେ ନିଜ ଧାନକୁ ଜଗି ରହୁଥିବା ଦେଖିବାକୁ ମିଳୁଛି। ଚାଷୀଙ୍କ ସୁରକ୍ଷା ପାଇଁ ପ୍ରତ୍ୟେକ ସେବା ସମବାୟ ସମିତି ପକ୍ଷରୁ ମଣ୍ଡିଗୁଡ଼ିକରେ ଟେଣ୍ଟ ବନ୍ଧାଯିବା, ସିସିଟିଭି କ୍ୟାମେରା ଲଗାଇବା, ମଣ୍ଡିରେ ଆଲୋକୀକରଣ ବ୍ୟବସ୍ଥା କରାଯିବା, ସୁଦ୍ଧ ପାନୀୟଜଳ ଓ ଶୌଚାଳୟର ବ୍ୟବସ୍ଥା କରାଯିବା ପାଇଁ ସରକାର ପ୍ରଚାରପ୍ରସାର କରିଆସୁଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଡେଲାଙ୍ଗ ବ୍ଲକ୍‌ରେ ଏହିସବୁ ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇନାହିଁ। ଅନ୍ୟପଟେ ଏହି ପୂର୍ବ ପ୍ରସ୍ତୁତି ଓ ବ୍ୟବହାର ହେବାକୁ ଥିବା ସରଞ୍ଜାମଗୁଡ଼ିକୁ ଯାଞ୍ଚ କରିବା ପାଇଁ ସ୍ଥାନୀୟ ତହସିଲ୍‌ଦାର, ଅତିରିକ୍ତ ତହସିଲ୍‌ଦାର, ବ୍ଲକ୍ ଉନ୍ନୟନ ଅଧିକାରୀ ଓ ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ସମସ୍ତ ସେବା ସମବାୟ ସମିତିକୁ ଭ୍ରମଣରେ ଯାଉଥିବା ଦେଖିବାକୁ ମିଳୁଛି। ସେହିପରି ମଣ୍ଡିଗୁଡ଼ିକର ସୁପରିଚାଳନା ନିମନ୍ତେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କୁ ନୋଡାଲ ଅଫିସର ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି। ତେବେ ପଞ୍ଜୀକରଣ ପରେ ଚାଷୀ କେତେ ପରିମାଣର ଧାନ ବିକ୍ରୟ କରିପାରିବ ତାହା ଟୋକନ ଆସିବା ପରେ ଜଣାପଡ଼ିବ। ଏନେଇ ଚାଷୀ ଚିନ୍ତାରେ ପଡ଼ିଥିବାବେଳେ ମଣ୍ଡିରେ ଧାନ ରଖି ଶୀତ କାକରରେ ଜଗି ରହିବା ଚାଷୀଙ୍କ ପାଇଁ କଷ୍ଟସାଧ୍ୟ ବୋଲି ଚାଷୀ ସୁଶାନ୍ତ ପ୍ରଧାନ, ପ୍ରଦୀପ୍ତ ନାୟକ, ନୀଳମଣି ପ୍ରଧାନ, ସଚ୍ଚିକାନ୍ତ ଜେନା, ବିଶ୍ୱନାଥ ପଟ୍ଟନାୟକ ପ୍ରମୁଖ ମତପ୍ରକାଶ କରିଛନ୍ତି। ଜାନୁଆରୀ ୧୦ ତାରିଖ ପରେ ପୁରୀ ଜିଲ୍ଲାରେ ମଣ୍ଡି ଖୋଲିବା ଆରମ୍ଭ ହେବ। ଡେଲାଙ୍ଗରେ ମଣ୍ଡି ଖୋଲିବାର ୩ ଦିନ ପୂର୍ବରୁ ସମସ୍ତ ପ୍ରସ୍ତୁତି କରାଯିବ ବୋଲି ଡେଲାଙ୍ଗ ବ୍ଲକ୍ ସମବାୟ ବିଭାଗ ଆଞ୍ଚଳିକ ଅଧିକାରୀ ଅସିତ୍ ସାହୁ ସୂଚନା ଦେଇଛନ୍ତି।

### ଆରମ୍ଭ ହୋଇନି ପୂର୍ବ ପ୍ରସ୍ତୁତି

## ଗୋବିନ୍ଦପୁର ନୋଡାଲ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ପିପିଲି,୧୦।୧(ସମିସ): ପିପିଲି ଗୋବିନ୍ଦପୁର ନୋଡାଲ ପ୍ରାଥମିକ ବିଦ୍ୟାଳୟର ଶିଶୁ ଉଦ୍ୟାନ ଉଦ୍‌ଘାଟନ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଧୁଛନ୍ଦା ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ସର୍ବାଙ୍ଗିଣ ବିକାଶ କ୍ଷେତ୍ରରେ ପିତାମାତା ଓ ଶିକ୍ଷକଶିକ୍ଷୟିତ୍ରୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ପିପିଲି ଏବିଇଓ ଶରତ ଚନ୍ଦ୍ର ଚଉଁରୀ ମୁଖ୍ୟବକ୍ତା, ଗୋବିନ୍ଦପୁର ହାଇସ୍କୁଲର ପ୍ରଧାନଶିକ୍ଷକ ସତ୍ୟବ୍ରତ ଜେନା, ନୀଳକଣ୍ଠ ନୋଡାଲ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜଳି ମହାନ୍ତି, ସିଆର୍‌ସି ସୁନିତା ନାୟକ, ସମିତିସଭ୍ୟା କବିତା ଖଟେଇ, ସ୍ଥାନୀୟ ବୁଦ୍ଧିଜୀବୀ ତ୍ରିଲୋଚନ ନାୟକ, ସୋମନାଥ ନାୟକ, ଶିକ୍ଷକ ଚିନ୍ତାମଣି ଓଝା, ସନ୍ତୋଷ କୁମାର ନାୟକ, ବିଦ୍ୟାଳୟର ସଭାପତି ବିଚିତ୍ରାନନ୍ଦ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମଞ୍ଚରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷକ ପ୍ରଦୀପ ପଟ୍ଟନାୟକ ସଭା ପରିଚାଳନା କରିଥିବାବେଳେ ଉମେଶ ଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ବାଲ୍ୟବିବାହ ରୋକିବା ନେଇ ଶପଥପାଠ



କୃଷ୍ଣପ୍ରସାଦ,୧୦।୧(ସମିସ): କୃଷ୍ଣପ୍ରସାଦ ବ୍ଲକ୍ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ତରଫରୁ ବାଲ୍ୟ ବିବାହ ମୁକ୍ତ ଭାରତ ୧୦୦ ଦିନର ଅଭିଯାନ ଅବସରରେ ଶନିବାର ବାଲ୍ୟ ବିବାହ ରୋକିବା ନେଇ ଏକ ସଚେତନତା ଏବଂ ଶପଥପାଠ କାର୍ଯ୍ୟକ୍ରମ ପିଏମ୍‌ଶ୍ରୀ ହରିହର ନୋଡାଲ ବିଦ୍ୟାପୀଠ ପଣସପଦା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସହକାରୀ ପ୍ରଧାନଶିକ୍ଷକ ଯୁଧିଷ୍ଠିର ପଲେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବାଲ୍ୟ ବିବାହ ପରି ଘୃଣ୍ୟ ପ୍ରଥାକୁ ସମାଜର ସବୁ ସ୍ତରରେ ବିରୋଧ କରିବା ସହ କୋମଳମତି ଶିଶୁମାନଙ୍କର ସୁରକ୍ଷା ଦିଗରେ ବ୍ୟାପକ ଜନସଚେତନତା ସୃଷ୍ଟି ଆବଶ୍ୟକ ବୋଲି ଲୀନା ମହାପାତ୍ର, ଦୀପ୍ତିରାଣୀ ଦଣ୍ଡପାଟ ମତ ଦେଇଥିଲେ। ଛାତ୍ରଛାତ୍ରୀ, କର୍ମଚାରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଙ୍ଗନବାଡ଼ି କର୍ମୀ, ଜନସାଧାରଣ ଶପଥପାଠ କରିଥିଲେ। ସେହିଭଳି ସ୍ଥାନୀୟ ଦେବାଳୟ ଏବଂ ଚିଲିକା ନୋଡାଲ ହାଇସ୍କୁଲ ଆଲୁପାଟଣା ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପଣସପଦା ଅଙ୍ଗନବାଡ଼ି କର୍ମୀ ବିସ୍ମିତା ରାଉତରାୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଯାନବାହନ ଯାଞ୍ଚ: ୭୫ ହଜାର ଜରିମାନା, ୨ ଗାଡ଼ି ସିଜ୍



ପିପିଲି,୧୦।୧(ସମିସ): ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଶନିବାର ଅପରାହ୍ଣରେ ଦୁର୍ଘଟଣା ରୋକିବାକୁ ପିପିଲି ନିକଟସ୍ଥ ଭୋଗୁଆ ବାଙ୍କ ବାଇପାସ୍‌ଠାରେ ପୁରୀ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ଏବଂ ପିପିଲି ପୁଲିସର ମିଳିତ ଉଦ୍ୟମରେ ଶୂନ୍ୟ ଦୁର୍ଘଟଣା ଉଦ୍ଦେଶ୍ୟରେ କଡ଼ାକଡ଼ି ଯାଞ୍ଚ କରାଯାଇଥିଲା। ଏଥିରେ ୭ଟି ଗାଡ଼ିରୁ ୭୫ହଜାର ଟଙ୍କା ଚାଲାଣ କଟାଯାଇଥିବା ବେଳେ ଦୁଇଟି ଗାଡ଼ି ସିଜ୍ କରିଛନ୍ତି। ଯାଞ୍ଚ ସମୟରେ ମଦପିଇ ଗାଡ଼ି ଚଳାଉଥିବା ଡ୍ରାଇଭରମାନଙ୍କୁ ଚିହ୍ନଟ କରାଯାଇଥିଲା। ଘରୋଇ ବସ୍ ସହିତ ଆମ ବସ୍, ସରକାରୀ ବସ୍‌କୁ ମଧ୍ୟ ଯାଞ୍ଚରେ ସାମିଲ୍ କରାଯାଇଥିଲା। ପୁରୀ ଆଞ୍ଚଳିକ ପରିବହନ ବିଭାଗର ନିରୀକ୍ଷକ ସୁଶାନ୍ତ କୁମାର ପାତ୍ର, ସହକାରୀ ନିରୀକ୍ଷକ ସନ୍ତୋଷ କୁମାର ସେଠୀ, ପିପିଲି ପୁଲିସ ଏସ୍‌ଆଇ ନାରାୟଣ ବେହେରା, ହାଇୱେ ପାଟ୍ରୋଲିଂ ଅଧିକାରୀ ରାମକୃଷ୍ଣ କର ପ୍ରମୁଖ ସାମିଲ୍ ଥିଲେ। ସେପଟେ ଶନିବାର ପୁରୀ ଆଞ୍ଚଳିକ ପରିବହନ ବିଭାଗ ନିରୀକ୍ଷକ ସୁଶାନ୍ତ କୁମାର ପାତ୍ର ଯାଞ୍ଚ ପାଇଁ ପିପିଲି ଆସୁଥିବାବେଳେ ତେଇଶିପୁରଠାରେ ଏକ ବୁଲେଟ୍ ବାଇକ୍ ଓ ଅଟୋ ଦୁର୍ଘଟଣାରେ ବାଇକ୍ ଆରୋହୀ ଜିତେନ୍ଦ୍ର ପ୍ରଧାନ ନାମକ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ନିଜ ଗାଡ଼ିରେ ନିକଟସ୍ଥ ମଙ୍ଗଳପୁର ମେଡିକାଲକୁ ନେଇ ଚିକିତ୍ସା କରାଇଥିଲେ।

## ସମାଜସେବୀ ରବୀନ୍ଦ୍ରଙ୍କ ବିୟୋଗ

କଣାସ,୧୦।୧(ସମିସ): କଣାସ ବ୍ଲକ୍ ଗଡ଼ସାହି ଗ୍ରାମ ପଞ୍ଚାୟତର ଜଙ୍କିଆ ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ସମାଜସେବୀ ରବୀନ୍ଦ୍ର କୁମାର ଦାସଙ୍କର ୭୭ ବର୍ଷ ବୟସରେ ଶୁକ୍ରବାର କଟକ ଡାକ୍ତରଖାନାରେ ମୃତ୍ୟୁ ହୋଇଯାଇଛି। ସେ ୪ ଦିନ ତଳେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ତାଙ୍କ ମରଶରୀର ଗ୍ରାମକୁ ଅଣାଯାଇ ଗ୍ରାମ୍ୟ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା।

### ● ଦୟା ନଦୀ ଜଳ ଦୂଷିତ ଯୋଗୁଁ କଣାସ ଅଞ୍ଚଳରେ ବ୍ୟାପିଲା ଜଣ୍ଡିସ୍

# ଗାଁରେ ପହଞ୍ଚିଲେ ଡାକ୍ତରୀ ଦଳ



କଣାସ,୧୦।୧(ସମସ): ପୁରୀ ଜିଲ୍ଲାର କଣାସ ବ୍ଲକ୍ ଚିଲିକା ଉପକୂଳରେ ଅବସ୍ଥିତ ହୋଇଥିବାରୁ ବର୍ଷ ସାରା ଏଠାରେ ପାନୀୟଜଳ ସମସ୍ୟା ଲାଗିରୁହେ। ଲୋକେମାନେ ମୁଖ୍ୟତଃ ଦୟା ନଦୀର ପ୍ରଦୂଷିତ ଜଳ ବ୍ୟବହାର କରିଥା'ନ୍ତି। ଜଳ ବ୍ୟବହାର କରି ଗତବର୍ଷ ନୂଆଗାଁ, ନିକୁଳପାଟଣା, ଜାଗୁଳେଇପଦର, କଳାପଦାର, ଗୋପୀନାଥପୁର ଗ୍ରାମରେ ଝାଡ଼ାବାନ୍ତି ଲାଗିରହିଥିଲା। ଏଥିରେ ୭ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ମନରୁ ଲିଭି ନ ଥିବାବେଳେ ଏବେ କିଛିଦିନ ହେଲା ଦୟା ନଦୀର ଦୂଷିତ ଜଳ ବ୍ୟବହାର କରି ଦୋକାନ ପଞ୍ଚାୟତର ନୂଆଦୋକନ୍ଦା ଓ ଆଖପାଖ ଗ୍ରାମରେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବାରୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଅଧିକାରିଣୀ ଡା. ଶିଖା ଦାସ, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ବିବେକ ଅନୁରାଗ, ଶିଶୁ ବିକାଶ ଅଧିକାରିଣୀ ଡା. ସ୍ମିତା ମହାନ୍ତି ଓ ସ୍ୱାସ୍ଥ୍ୟକର୍ମୀମାନେ ନୂଆଦୋକନ୍ଦାକୁ ଯାଇ ପ୍ରତି ପରିବାରର ଲୋକଙ୍କୁ ପରୀକ୍ଷାନିରୀକ୍ଷା କରିଛନ୍ତି। ଏଥିସହ ଦୟା ନଦୀର ଦୂଷିତ ଜଳ ବ୍ୟବହାର ନ କରିବା ପାଇଁ ଜନସଚେତନତା କରିଥିଲେ। ପ୍ରକାଶ ଥାଉକି, ଭୁବନେଶ୍ୱର ସହରର ବିଷାକ୍ତ ଜଳ ଗଙ୍ଗୁଆ ନାଳ ଦେଇ ଦୟା ନଦୀରେ ପ୍ରବେଶ କରୁଥିବାରୁ ଦୟା ନଦୀ ଜଳ ଦୀର୍ଘ ଦିନ ହେଲା ବିଷାକ୍ତ ହୋଇଯାଇଛି। ସେହିଦିନଠାରୁ କଣାସ ଅଞ୍ଚଳରେ ଝାଡ଼ାବାନ୍ତି, ଜଣ୍ଡିସ୍, ଚର୍ମ ରୋଗ ପିଛା ଛାଡୁନାହିଁ ବୋଲି ସତ୍ୟବାଦୀର ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂହ ମତପ୍ରକାଶ କରିଛନ୍ତି। ଶନିବାର ସେ ଉକ୍ତ ଅଞ୍ଚଳକୁ ପରିଦର୍ଶନ କରିବା ସହ ଜଣ୍ଡିସ୍ ଆକ୍ରାନ୍ତଙ୍କ ପରିବାର ସହ ଆଲୋଚନା କରିଛନ୍ତି। ଏଥିସହ ସ୍ୱାସ୍ଥ୍ୟକର୍ମୀମାନଙ୍କ ସହ ଏହାର ନିରାକରଣ ବିଷୟରେ ଆଲୋଚନା କରିବା ସହ ଜଣ୍ଡିସ୍‌ର କାରଣ ଅବଗତ କରାଇଛନ୍ତି। ଗତବର୍ଷ ହଇଜାରେ ୩୦୦ ଜଣ ଆକ୍ରାନ୍ତ ହୋଇଥିଲେ ଏବଂ ସେଥିରେ ୭ ଜଣଙ୍କ ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଦୟା ଓ ଗଙ୍ଗୁଆ ନଦୀର ଜଳ ବିଷାକ୍ତ ହୋଇଯାଇଥିବାରୁ ଏ ଅବସ୍ଥା ହୋଇଛି। କଣାସ, ଡେଲାଙ୍ଗ, ପିପିଲି ବ୍ଲକ୍‌ର ଲୋକେ ଏହି ଦୟା ନଦୀ ପାଣି ପାନୀୟଜଳ ରୂପେ ବ୍ୟବହାର କରନ୍ତି। ଗତବର୍ଷ ଏହି ଆକ୍ରାନ୍ତ ଯୋଗୁଁ ମାନବାଧିକାର କମିଶନଙ୍କୁ ମଧ୍ୟ ଅବଗତ କରାଯାଇଥିଲା।

## ବିଏସ୍ ଅକ୍ସଫୋର୍ଡ ଇଣ୍ଟରନ୍ୟାସ୍‌ନାଲ ସ୍କୁଲରେ ବାର୍ଷିକ କ୍ରୀଡ଼ା




ନିମାପଡ଼ା,୧୦।୧(ସମିସ): ନିମାପଡ଼ାସ୍ଥିତ ଏବିଏସ୍ ଅକ୍ସଫୋର୍ଡ ଇଣ୍ଟରନ୍ୟାସ୍‌ନାଲ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରିନ୍ସପାଲ ବନମାଳୀ ପାଣିଙ୍କ ନେତୃତ୍ୱରେ ଏଥିରେ ମୁଖ୍ୟ ଅତିଥି ଭାବେ ସ୍କୁଲର ଚେୟାରମ୍ୟାନ୍ ରୀନାବାଳା ମଲ୍ଲିକ ସଭାପତିତ୍ୱ କରି କ୍ରୀଡ଼ା ଉଦ୍‌ଘାଟନ କରିଥିଲେ। ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଲିପ୍ସା ପ୍ରଧାନ, ସମସ୍ତ ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସହଯୋଗ ଏବଂ ଛାତ୍ରଛାତ୍ରୀଙ୍କ ଉତ୍ସାହ ଏହି କାର୍ଯ୍ୟକ୍ରମକୁ ଉତ୍ସବମୁଖର ଓ ଆକର୍ଷଣୀୟ କରିଥିଲା। ପ୍ରିନ୍ସପାଲ ଶ୍ରୀ ପାଣି ଛାତ୍ରଛାତ୍ରୀଙ୍କ ପାଇଁ କ୍ରୀଡ଼ାର ମହତ୍ୱ ବିଷୟରେ କହି ସେମାନଙ୍କୁ ଉତ୍ସାହିତ କରିବା ସହ ସହକର୍ମୀଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

### ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

# ସ୍ୱପ୍ନ ସାକାର ନିମନ୍ତେ କଠିନ ପରିଶ୍ରମ ଅପରିହାର୍ଯ୍ୟ: ବିଧାୟକ




ସାକ୍ଷୀଗୋପାଳ,୧୦।୧(ସମିସ): ବିନା ଲକ୍ଷ୍ୟ ଓ ବିନା ସ୍ୱପ୍ନରେ ବ୍ୟକ୍ତି ସଫଳ ହୋଇପାରିବ ନାହିଁ। ବର୍ତ୍ତମାନ ହେଉଛି ପ୍ରକୃଷ୍ଟ ସମୟ ପିଲାମାନେ ତୁମ ଜୀବନର ଲକ୍ଷ୍ୟ ସ୍ଥିର କର କିମ୍ବା ଜୀବନର ସଫଳତା ନିମନ୍ତେ ଭଲ ସ୍ୱପ୍ନ ଦେଖ। ସେହି ଲକ୍ଷ୍ୟ କିମ୍ବା ସ୍ୱପ୍ନକୁ ସଫଳ କରିବା ପାଇଁ ତୁମ ଭୁଲ କିମ୍ବା ଦୁର୍ବଳତାକୁ ସୁଧାରି କଠିନ ପରିଶ୍ରମ ଦ୍ୱାରା ଆଗକୁ ଯିବାକୁ ଶପଥ କର। ତେବେ ଯାଇ ଜଣେ ସଫଳ ବ୍ୟକ୍ତି ହୋଇପାରିବ। ପ୍ରତ୍ୟେକ ଛାତ୍ରଛାତ୍ରୀ ଆଗକୁ ଜଣେ ଜଣେ ସଫଳ ବ୍ୟକ୍ତି ଭାବରେ ସମାଜସେବାରେ ମନୋନିବେଶ କର। ଶୁକ୍ରବାର ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉକ୍ତ ପରାମର୍ଶ ଦେଇଥିଲେ। କଲେଜ ଅଧ୍ୟକ୍ଷା ଡ. ପୁଷ୍ପମିତ୍ରା ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ବିଡିଓ ଦେବାଶିଷ ନାୟକ, ଅନ୍ୟତମ ଅତିଥି ଭାବେ +୨ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଦେଷ୍ଟା ଡ. କଳ୍ପନା କୁମାରୀ ମହାପାତ୍ର, ବାଣିଜ୍ୟ ବିଭାଗ ମୁଖ୍ୟ ଚନ୍ଦ୍ରଶେଖର ତ୍ରିପାଠୀ ଯୋଗଦେଇଥିଲେ। ଉତ୍ସବରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ ଛାତ୍ର ସଂସଦ ଉପଦେଷ୍ଟା ତଥା ଅଧ୍ୟାପକ ଡ. ରତ୍ନାକର ସାହୁ। ବାର୍ଷିକ ବିବରଣୀ ପାଠ କରିଥିଲେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ଗଣିତ ବିଭାଗ ମୁଖ୍ୟ ଧନୁର୍ଦ୍ଧର ମୁଦୁଲି। ଆସନ୍ତା ବର୍ଷ ଏହି ମହାବିଦ୍ୟାଳୟ ତା'ର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ କରିବ। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ସଫଳତା ଓ ପ୍ରମୁଖ ସମସ୍ୟା ଉପରେ ବିବରଣୀ ପାଠ ମାଧ୍ୟମରେ ବିଧାୟକ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରାଇଥିଲେ ଅଧ୍ୟାପକ ଶ୍ରୀ ମୁଦୁଲି। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶୁଭ୍ରଦୀପ୍ତା ପଟ୍ଟନାୟକ। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ମୁଖପତ୍ର "ବକୁଳିକା' ଉନ୍ମୋଚନ ହୋଇଥିଲା। ମହର୍ଷି କଲେଜ ପ୍ରାଧ୍ୟାପିକା ଡ. ଜ୍ୟୋତିର୍ମୟୀ ଦାଶ ତାଙ୍କ ପିତା ନନ୍ଦନନ୍ଦନ ଦାଶଙ୍କ ସ୍ମୃତି ଉଦ୍ଦେଶ୍ୟରେ +୨ କଳା ବିଭାଗରେ ସସ୍ମିତା ମହାପାତ୍ର, +୨ ବିଜ୍ଞାନ ବିଭାଗରେ ସୂର୍ଯ୍ୟ ନାରାୟଣ ନାୟକ ଓ +୨ ବାଣିଜ୍ୟ ବିଭାଗରେ ଆଶୀର୍ବାଦ ଜେନାଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଶୁଭ୍ରଦୀପ୍ତା ପଟ୍ଟନାୟକ, ଅଧ୍ୟାପିକା ରତ୍ନପର୍ଣ୍ଣା ଜେନା ଓ ମୁଖ୍ୟ କିରାଣି ସୀତାଂଶୁ ମହାପାତ୍ର ସଂଯୋଜନା କରିଥିଲେ।

## ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍: ନିମାପଡ଼ା ଟାଉନ୍ କ୍ଲବ୍ ବିଜୟୀ




ନିମାପଡ଼ା,୧୦।୧(ସମିସ): ସ୍ଥାନୀୟ ବାରବାଟୀ ଖେଳପଡ଼ିଆରେ ଚାଲିଥିବା ୩୦ତମ ନିମାପଡ଼ା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ପ୍ରଦର୍ଶନୀ ମ୍ୟାଚ୍‌ରେ ପରସ୍ପରକୁ ଭେଟିଥିଲେ ନିମାପଡ଼ା ଟାଉନ କ୍ଲବ୍ ଏବଂ ପଞ୍ଚଶଖା କ୍ରିକେଟ୍ କ୍ଲବ୍ ସାକ୍ଷୀଗୋପାଳ। ଏଥିରେ ନିମାପଡ଼ା ବିଜୟୀ ହୋଇଛି। ପ୍ରଥମେ ନିମାପଡ଼ା ଟାଉନ କ୍ଲବ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୭୧ ରନ୍ ସଂଗ୍ରହ କରିଥିଲା। ଜବାବରେ ପଞ୍ଚଶଖା ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୩୪ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ନିମାପଡ଼ା ବୋଲର ବିଶ୍ୱଜିତ୍ ସାହୁ ୪ଟି ୱିକେଟ ଅକ୍ତିଆର କରି ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଏବଂ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ସମ୍ବିତ ପଟ୍ଟନାୟକ, ଶ୍ରେଷ୍ଠ ଫିଲ୍‌ଡର ସାଇ ସ୍ୱରୂପ ସାହୁ ମୁଖ୍ୟ ଅତଥି ବିଜୟ କୁମାର ପାଣି, ପୂର୍ଣ୍ଣଚନ୍ଦ୍ର ନାୟକ, ଚନ୍ଦନ ସ୍ୱାଇଁ, କ୍ରୀଡ଼ାବିତ୍ ନିର୍ମଳ କୁମାର ମିଶ୍ର ଓ ସରୋଜ ମହାନ୍ତିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ମ୍ୟାଚ୍ ପରିଚାଳନା କରିଥିଲେ ତ୍ରିଭୁବନ ନାଥ ଦାଶ ଓ ବିଶ୍ୱଜିତ୍ ତ୍ରିପାଠୀ। ରବିବାର ଫାଇନାଲ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ ପ୍ରଗତୀ ସ୍ପୋର୍ଟିଂ ଭୁବନେଶ୍ୱର ଓ ଖୋର୍ଦ୍ଧା ଜିଲ୍ଲା କ୍ରିକେଟ୍ ଆସୋସିଏସନ।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଗଣପତି ସାହୁ
(ବିଶିଷ୍ଟ ସମାଜସେବୀ ତଥା ତାରାତାରିଣୀ ରାଇସ ମିଲ ମାଲିକ)
ଆବିର୍ଭାବ: ୧୯୪୧
ତିରୋଧାନ: ୩୧.୧୨.୨୦୨୫

(ରଘୁନାଥ ପୁର, ମେଇନ ରୋଡ଼, ଜାତୀୟ ରାଜପଥ ୧୬ ନମ୍ବର, ନରେନ୍ଦ୍ର ପୁର ଗ୍ରାମ ପଞ୍ଚାୟତ, ଛତ୍ରପୁର ବ୍ଲକ)

କୁହନ୍ତି ପିତା, ସ୍ୱର୍ଗ ହେଲେ, ତୁମେ ସ୍ୱର୍ଗଠୁ ବି ବଡ। ତୁମର ନୀତି ଆଦର୍ଶ ଆମମାନଙ୍କ ପରିଚୟ। ଆର ପାରିରେ ରହି ତୁମେ ଆମକୁ ସାହସ ଧୈର୍ଯ୍ୟ ଏବଂ ଆଶିର୍ବାଦ ଦେଉଥିବ। ଏହା ଆଶା। ଯେଉଁଠି ବି ଥାଅ, ତୁମର ଆତ୍ମା ସଦଗତି କାମ କରି ପ୍ରଭୁ ଜଗନ୍ନାଥଙ୍କ ନିକଟ ପ୍ରାର୍ଥନା।

ଶୋକ ସନ୍ତପ୍ତ: ସାହୁ ପରିବାର

ଧର୍ମ ପତ୍ନୀ: ସରସ୍ୱତୀ, ପୁତ୍ର: ସୂର୍ଯ୍ୟ ନାରାୟଣ, ମହେନ୍ଦ୍ର, ବୋହୂ: ନିରାଜା, ତନୁଜା, ଝିଅ: ପ୍ରମିଳା, ଧରିତ୍ରୀ, ରେଣୁ ବାଳା, ଜ୍ୱାଇଁ: ଯୁଦ୍ଧିଷ୍ଠିର, ଭୀମସେନ, ଅରୁଣ ଏବଂ ନାତିନାତୁଣୀ: ଟିକି, ଚିଙ୍କୁ, ବନି, ଶନି, ସନତ,ଚିଣ୍ଟୁ, ଓମ୍, ପ୍ରେମ, ଅସ୍ମିତ, ଅନସୁ, ପିଙ୍କୁ ଓ ପରିବାର ବନ୍ଧୁ ବର୍ଗ, ସାଙ୍ଗ ସାଥୀ ଗ୍ରାମବାସୀ ବୃନ୍ଦ।

# ଶ୍ରୀକ୍ଷେତ୍ର ସିଟି

୧୦/୧/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୮୪,୩୯୨/- ସୁନା: ୦୩. ୯୦୦ ଗ୍ରାମ୍ ରୁପା: ୮୪.୭୦୦ ଗ୍ରାମ୍



## ‘ମନରେଗା’ ଯୋଜନାର ହତ୍ୟା କରାଯାଇଛି: ଜଗନ୍ନାଥ




ପୁରୀ,୧୦ା୧(ସମିସ): ସ୍ପଷ୍ଟ ଦିବାଲୋକରେ ‘ମନରେଗା’ ଆଇନର ହତ୍ୟା କରାଯାଇଛି । ଭିବି-ଜୀ-ରାମ୍‌ଜୀ ଆଇନ ହେଉଛି କୋଟି କୋଟି ଶ୍ରମିକଙ୍କ ଅଧିକାର ଉପରେ ଡକାୟତି । ଏହାଦ୍ୱାରା ମେହନତି ଲୋକଙ୍କ ପେଟରେ ଲାତ ମରାଯାଇଥିବା ବେଳେ ଗରିବଙ୍କ କାମ ମାଗିବାର ଅଧିକାରକୁ ଛଡ଼ାଇ ନିଆଯାଇଛି ବୋଲି କହିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ପଟ୍ଟନାୟକ । ଶନିବାର ଭିଆଇପି ରୋଡ୍‌ସ୍ଥିତ ପୁରୀ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ‘ଇନ୍ଦିରା ଭବନ’ରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ପଟ୍ଟନାୟକ ବିଶେଷତଃ ୩ଟି ବିଷୟ ଉପରେ ଆଲୋକପାତ କରିଥିଲେ । ପ୍ରଥମତଃ ସେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ନାମ ଏବଂ ସମ୍ପୂର୍ଣ୍ଣ ରୂପରେଖ ପରିବର୍ତ୍ତନକୁ ନିନ୍ଦା କରିଥିଲେ ।

ସେ କହିଥିଲେ ଯେ, ଏହାଦ୍ୱାରା ଏସ୍‌ସି, ଏସ୍‌ଟି ଓ ଓବିସିର ମନରେଗା ଶ୍ରମିକମାନଙ୍କୁ ସାମାଜିକ ନ୍ୟାୟରୁ ବଞ୍ଚିତ କରିବାର ଏହା ଏକ ଚକ୍ରାନ୍ତ । ଏହା ନାଥୁରାମ ଗଡ୍‌ସେଙ୍କ ଅନୁଗାମୀଙ୍କ ଦ୍ୱାରା ଗାନ୍ଧୀଙ୍କ ଗ୍ରାମୀଣ ଭାରତ ଦର୍ଶନକୁ ଧ୍ୱଂସ କରିବାର ଏକ ଷଡ଼ଯନ୍ତ୍ର, ଯାହାକି ଶ୍ରମିକ ଏବଂ କୃଷକମାନଙ୍କ ମଧ୍ୟରେ ବିଭେଦତା ସୃଷ୍ଟି କରୁଛି । ସେହିପରି ଟାଟା ପାୱାରର ନିୟମିତ ଜୁଲମ୍ ବିରୋଧରେ ଆଲୋକପାତ କରିଥିଲେ । ରାଜ୍ୟ ସରକାରଙ୍କ ଟାଟା ପାୱାର ସହିତ ଥିବା ସଲାସୁତରା ବିଷୟରେ ବର୍ଣ୍ଣନା କରିଥିଲେ । ରାଜ୍ୟବାସୀଙ୍କୁ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଇଦେବା ଏବଂ ଟାଟା ପାୱାରର ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ୍ ପ୍ରତ୍ୟାହାର ନିମନ୍ତେ ଦାବି ରଖିଥିଲେ । ଶେଷରେ ଧାନମଣ୍ଡିଗୁଡ଼ିକ ଉପରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିରେ ପୁରୀ ଜିଲ୍ଲା କଂଗ୍ରେସ ସଭାପତି ଇଂ. ରାଜେଶ କୁମାର ମିଶ୍ର ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ବିଶ୍ୱନାଥ ଦାଶ, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ସୁକାନ୍ତ ପ୍ରଧାନ, ସ୍ୱାଧୀନ ପଣ୍ଡା, ନିର୍ମଳ ସାମନ୍ତରାୟ, କାଳୀ ପ୍ରସାଦ ନାୟକ, ଆଶୁତୋଷ ମିଶ୍ର, ଦୁର୍ଗାପ୍ରସାଦ ସାମନ୍ତରାୟ, ଉମାକାନ୍ତ ବେହେରା, ଅମିୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ‘ଦୟାନିଧି ସଙ୍ଗୀତ ସୁଧା’ର ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ

ପୁରୀ,୧୦ା୧(ସମିସ): ଭୋଳାନାଥ ବିଦ୍ୟାପୀଠ ପରିସରରେ ଚାଲିଥିବା ୩୦ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳାରେ ଶ୍ରୀକ୍ଷେତ୍ରର ଅଗ୍ରଣୀ ସଙ୍ଗୀତ ଅନୁଷ୍ଠାନ “ଦୟାନିଧି ସଙ୍ଗୀତ ସୁଧା’ର କଣ୍ଠଶିଳ୍ପୀମାନେ ଗୁରୁ ପ୍ରକାଶ କୁମାର ରଥଙ୍କ ସଂଯୋଜନାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତିସଙ୍ଗୀତ ପରିବେଷଣ କରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଛନ୍ତି । କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କଣ୍ଠଶିଳ୍ପୀମାନେ ହେଲେ କଲ୍ୟାଣମୟୀ ନାୟକ, ବନ୍ଦନା ଦାଶ, ପ୍ରିତମ୍ ବରାଡ଼, ଆଦ୍ୟାଶା ଗଜେନ୍ଦ୍ର, ଅସିତ୍ ସାହୁ, ଲକ୍ଷ୍ମୀପ୍ରିୟା ସମର୍ଥା ଏବଂ ଦିବ୍ୟଜ୍ୟୋତି ଦାଶ । ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ ଗୁରୁ ଶାରଦା ପ୍ରସନ୍ନ ମିଶ୍ର, ମନେଷ କୁମାର ଶତପଥୀ ଏବଂ ପ୍ରଶାନ୍ତ ରାଉତ । ଏଥିରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ପ୍ରଦାନ କରିଥିବାରୁ ଅନୁଷ୍ଠାନ ତରଫରୁ ଜିଲ୍ଲା ପ୍ରଶାସନ, ପୁସ୍ତକ ମେଳା କମିଟି, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରାଙ୍କୁ ଧନ୍ୟବାଦ ଦିଆଯାଇଛି ।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ପୁରୀ,୧୦ା୧(ସମିସ): ପୁରୀ ସଦର ବ୍ଲକ୍ ରଘୁରାଜପୁରସ୍ଥିତ ସରକାରୀ କପୋତେଶ୍ୱର ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ତିନିଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ପ୍ରଧାନଶିକ୍ଷୟିତ୍ରୀ ଅନୁସୂୟା ପୃଷ୍ଟି ସଭାପତିତ୍ୱ କରିଥିଲେ । ଏଥିରେ ଆଦିତ୍ୟ ବିର୍ଲା ଫ୍ୟାସନର ମ୍ୟାନେଜର କେଦାର କୁମାର ପତି, ନାୟକ ପାଟଣାର କଳାକୃତି ବିକାଶ କେନ୍ଦ୍ରର ସମ୍ପାଦକ ପ୍ରସନ୍ନ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାହ୍ନୁ ଚରଣ ବେହେରା ଓ ଅନ୍ୟ ସଦସ୍ୟ ସଦସ୍ୟା ପ୍ରମୁଖ ଯୋଗଦେଇଥିଲେ । ସଙ୍ଗୀତା ମିଶ୍ର ଓ ଚନ୍ଦ୍ରକାନ୍ତ ପଣ୍ଡା କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଚିତାକର୍ଷକ ହୋଇଥିଲା । ବିଭିନ୍ନ କାର୍ଯ୍ୟକ୍ରମରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକ୍ରମଟି ସାଫଲ୍ୟମଣ୍ଡିତ ହୋଇଥିଲା ।

# ୨୧୫ ନୂତନ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ



ପୁରୀ,୧୦ା୧(ସମିସ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବ୍ୟବସ୍ଥାକୁ ସ୍ୱଚ୍ଛ କରାଯାଇଛି । ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଖାଉଟି କଲ୍ୟାଣ ଯୋଜନାରେ ସାମିଲ କରାଯାଇ ରାସନ ସାମଗ୍ରୀ ଦିଆଯିବ । କିନ୍ତୁ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ନାମ ବାଦ୍ କରାଯାଉଛି ବୋଲି କହିଛନ୍ତି ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ଶନିବାର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପୁରୀ ପୌରାଞ୍ଚଳର ହିତାଧିକାରୀମାନଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ୨୧୫ ନୂତନ ହିତାଧିକାରୀଙ୍କୁ ମନ୍ତ୍ରୀ ଶ୍ରୀ ପାତ୍ର କାର୍ଡ ବଣ୍ଟନ କରିବା ସହ ଇ-କେୱାଇସି ମାଧ୍ୟମରେ ଟିପ ଓ ଆଖି ସ୍କାନ୍ ଦ୍ୱାରା ୯୬ ପ୍ରତିଶତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ପୂର୍ବରୁ ପ୍ରାୟ ୭ ଲକ୍ଷ ଲୋକ ମୃତ୍ୟୁ ପରେ ମଧ୍ୟ ରାସନ ସାମଗ୍ରୀ ପାଉଥିଲେ । ୭୮ ହଜାର ଅଯୋଗ୍ୟ ହିତାଧିକାରୀ, ୪୫ ହଜାର ଆୟକର ଦେଉଥିବା ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି । ପ୍ରାୟ ୮ ଲକ୍ଷ ୧୬ ହଜାର କାର୍ଡ କଟିଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଥିଲେ । ଯଦି କିଏ ଭାବୁଛନ୍ତି ତାଙ୍କର କାର୍ଡ ଭୁଲ୍‌ରେ କଟିଯାଇଛି ତେବେ ସେମାନେ ପ୍ରମାଣ ସହ ଆବେଦନ କଲେ ତାହା ବିଚାର କରାଯାଇପାରେ ।

ସେହିପରି ଧାନର ସହାୟକ ମୂଲ୍ୟ ବୃଦ୍ଧି ପରେ ବର୍ତ୍ତମାନ ଚାଷ ପାଇଁ ଲୋକଙ୍କ ଆଗ୍ରହ ବଢ଼ିଛି । ଧାନ ଦେବାର ୪୮ ଘଣ୍ଟା ମଧ୍ୟରେ ପ୍ରାପ୍ୟ ଚାଷୀଙ୍କ ଆକାଉଣ୍ଟକୁ

### ୮ ଲକ୍ଷ ୧୬ ହଜାର ଅଯୋଗ୍ୟଙ୍କ କାର୍ଡ କଟିଛି: ମନ୍ତ୍ରୀ

ଯାଉଛି । ଚଳିତ ବର୍ଷ ୧୯ ଲକ୍ଷ ୬୭ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି, ଯାହା ପୂର୍ବ ବର୍ଷ ତୁଳନାରେ ୨ ଲକ୍ଷ ୧୭ ହଜାର ଅଧିକ । ଚାଷୀମାନେ ବର୍ତ୍ତମାନ ଖୁସିରେ ଅଛନ୍ତି ବୋଲି ମନ୍ତ୍ରୀ କହିବା ସହ ଗତ ଦେଢ଼ବର୍ଷ ମଧ୍ୟରେ ରାଜ୍ୟରେ ଚାଷୀ ଆତ୍ମହତ୍ୟା ଘଟି ନାହିଁ । ମହାପ୍ରଭୁଙ୍କ ଦର୍ଶନ ସହ ହିତାଧିକାରୀଙ୍କ ଦର୍ଶନ ଉଦ୍ଦେଶ୍ୟରେ ସେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଯୋଗଦେଇଥିଲେ । ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ ଓ ପୌରାଞ୍ଚଳ ସହକାରୀ ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ରାଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆରମ୍ଭ ମହୋତ୍ସବରେ ପ୍ରତିଭା ସମ୍ମାନିତ



ପୁରୀ, ୧୦ା୧ (ସମିସ): ସ୍ଥାନୀୟ ପୌରସଦନରେ ଆରମ୍ଭ ୟୁଥ୍ କଲଚରାଲ ଫାଉଣ୍ଡେସନ ଦ୍ୱାରା ଚାଲିଥିବା ୭ମ ଆରମ୍ଭ ମହୋତ୍ସବର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ଅନୁଷ୍ଠାନର ସଭାପତି ପ୍ରଦୀପ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଉତ୍କଳ ବିଦ୍ୱତ୍ ପରିଷଦ ଅଧ୍ୟକ୍ଷ ମନୋଜ ରଥ, ଆର୍ତ୍ତତ୍ରାଣ ଖୁଣ୍ଟିଆ, ହରେକୃଷ୍ଣ ମହାନ୍ତି ଓ ଅନୁଷ୍ଠାନର ଉପଦେଷ୍ଟା ରୁଚିମିତ୍ର ଜଗଦ୍ଦେବ ଓ ସଂସ୍କୃତି ସଞ୍ଚାଳକ ଶ୍ୟାମପ୍ରକାଶ ସେନାପତି ମଞ୍ଚାସିନ ଥିଲେ । ଏହି ଅବସରରେ ମାହାରୀ ନୃତ୍ୟଗୁରୁ ରୁପଶ୍ରୀ ମହାପାତ୍ରଙ୍କୁ ଆରମ୍ଭ ସଂସ୍କୃତି ସମ୍ମାନ, ପଦ୍ମନାଭ ତ୍ରିପାଠୀଙ୍କୁ ଆରମ୍ଭ ସମାଜସେବୀ ସମ୍ମାନ ପ୍ରଦାନ କରାଯାଇଥିଲା । ବରେଣ୍ୟ ଅତିଥି ବୃନ୍ଦ ନାରୀ ଓ ମାତୃଶକ୍ତିମାନଙ୍କ ମଧ୍ୟରେ ଲୁକ୍କାୟିତ ଅନ୍ତର୍ନିହିତ ପ୍ରତିଭାକୁ ନେଇ ପ୍ରତିଯୋଗିତା ଓ ‘ଶ୍ରୀକ୍ଷେତ୍ର ଲକ୍ଷ୍ମୀ ସମ୍ମାନ’ରେ ସମ୍ବର୍ଦ୍ଧିତ କରିବା ସହ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ସଭାପର୍ବ ପରେ ମନୀଷା କଳାନିକେତନ, ନୃତ୍ୟରଖୀ ଅନୁଷ୍ଠାନ, ସଙ୍ଗୀତ ସାଧନା ଅନୁଷ୍ଠାନ ଲୋଇସିଂହା ବଲାଙ୍ଗିର, ନଟରାଜ ସଂସ୍କୃତି ଅନୁଷ୍ଠାନ ପୁରୀ, ଅଲ୍ ସାଇନ୍ ଷ୍ଟୁଡିଓ ଗ୍ରୁପ୍ ପୁରୀ ଆନୁଷ୍ଠାନ ପକ୍ଷରୁ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପୀୟୁଷ ପଟ୍ଟନାୟକ ମଞ୍ଚ ସଞ୍ଚାଳନ କରିଥିଲେ । ସାଧାରଣ ସମ୍ପାଦକ ଦେବାଶିଷ ସିଂ, ଉପସଭାପତି ସୌମ୍ୟରଞ୍ଜନ ମିଶ୍ର, ସମୀର ଶତପଥୀ, ଆଶୁତୋଷ ପଟ୍ଟନାୟକ, ସୁଜିତ୍ ରାଉତ ପ୍ରମୁଖଙ୍କ ଦ୍ୱାରା କାର୍ଯ୍ୟକ୍ରମ ବେଶ୍ ଶୃଙ୍ଖଳିତ ରହିଥିଲା ।

## ‘ଶିକ୍ଷା ଦ୍ୱାରା ହିଁ ନାରୀ ସଶକ୍ତୀକରଣ ସମ୍ଭବ’

ପୁରୀ,୧୦ା୧(ସମିସ): ସ୍ମାରକୀ ପୁରସ୍କାର ଟ୍ରଷ୍ଟ ମାର୍କଣ୍ଡେଶ୍ୱର ସାହି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିକ୍ଷାବିତ୍ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ଡ. ଚତୁର୍ଭୁଜ ଭୂୟାଁ ଓ ସମ୍ମାନିତ ଅତିଥି ଭାବରେ ଶିଶୁ ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ, ଡ. ଶ୍ରୀକାନ୍ତ ପଣ୍ଡା, ଡ. ସବ୍ୟସାଚୀ ପଟ୍ଟନାୟକ, ପୂର୍ବତନ କାଉନ୍‌ସିଲର ଭକ୍ତ ଚରଣ ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ । ଉପସଭାପତି ରେଣୁକା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବିଦ୍ୟାଳୟର ୫ ଶ୍ରେଷ୍ଠ ବାଳିକାଙ୍କୁ ବିଦ୍ୟାଳୟ କଳିକା, ବିଦ୍ୟାଳୟ ପ୍ରସୂନ କନ୍ୟାରତ୍ନ, ବିଦ୍ୟାଳୟଶ୍ରୀ, ବିଦ୍ୟାଳୟ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହା ବ୍ୟତୀତ ବିଷୟଗତ, ସାଂସ୍କୃତିକ, ସାମାଜିକ, ବ୍ୟାବହାରିକ, ପାରମ୍ପରିକ କ୍ଷେତ୍ରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୪୧ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିଶୁ ସମାଚାରର ସମ୍ପାଦକ ସୁକାନ୍ତ ପଣ୍ଡା, ଅନୁପମା ପଣ୍ଡା ପାଞ୍ଚ ଜଣଙ୍କୁ ଟ୍ରଫି, ଖାତା କଲମ ପ୍ରଦାନ କରିଥିଲେ । ନାରୀ ସଶକ୍ତୀକରଣ ଶିକ୍ଷା ଦ୍ୱାରା ହିଁ ସମ୍ଭବ । ନାରୀ ହେଉଛି ସେହି ପ୍ରଦୀପ ଯିଏକି ସମାଜରୁ ସମସ୍ତ ପ୍ରକାର କଳୁଷ କାଳୀମାକୁ ଦୂର କରି ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ ବୋଲି ବକ୍ତାମାନେ କହିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ଶର୍ମିଷ୍ଠା ବରାଳ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟିତ୍ରୀ ମଧୁମିତା ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ସୁଜାତା ପ୍ରଧାନ, ରଶ୍ମିତା ତ୍ରିପାଠୀ, ମନସ୍ୱିନୀ ମିଶ୍ର ପୁରସ୍କାର ପରିଚାଳନା କରିଥିଲେ । ଶିକ୍ଷକ ନବକୁମାର ନାୟକ, କୋକିଳ ସେଠୀ, ଦିଲ୍ଲୀପ ସାହୁ, ଅଭିଷେକ ମହାପାତ୍ର, ସଞ୍ଜୀବ ଲୋଚନ ମହାନ୍ତି ଓ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ । ଟ୍ରଷ୍ଟ ସଦସ୍ୟ ଅବନୀଶ ରଥ, ପ୍ରତିମାରାଣୀ ମିଶ୍ର, ସବିତା ପୃଷ୍ଟି, ଯମୁନି ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

■ ସ୍ୱର୍ଗଦ୍ୱାର ନିକଟରେ ଯୁବକଙ୍କୁ ହତ୍ୟା ଘଟଣା

## ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କଲା ପୁଲିସ

ପୁରୀ,୧୦ା୧(ସମିସ): ଗୁରୁବାର ବିଳମ୍ବିତ ରାତିରେ ସ୍ୱର୍ଗଦ୍ୱାର ନିକଟରେ ଜଣେ ଯୁବକଙ୍କୁ ନିର୍ମମ ଭାବେ ଛୁରି ଭୁସି ହତ୍ୟା କରାଯାଇଥିଲା । ଶବଦାହ କରିବା ପାଇଁ ଆସିଥିବା ଭଦ୍ରକ ବନ୍ତ ଥାନା ଅନ୍ତର୍ଗତ ଆପଣ୍ଡାର ରଞ୍ଜନ ଦାସ ନିଜେ ଶବ ହୋଇଗଲେ । ଏହି ଦୁଃଖଦ ଘଟଣାର ଅଭିଯୁକ୍ତ ଟାଉନ ଥାନା ଅନ୍ତର୍ଗତ ବାଲିସାହିରେ ରହୁଥିବା କେନ୍ଦ୍ରାପଡ଼ାର ତନ୍ମୟ ମହାପାତ୍ରକୁ ଶନିବାର କୋର୍ଟ ଚାଲାଣ କରାଯାଇଛି ବୋଲି କହିଛନ୍ତି ଏସ୍‌ପି ପ୍ରତୀକ୍ ସିଂ । ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଶ୍ରୀ ସିଂ ହତ୍ୟାକାଣ୍ଡ କିଭଳି ଘଟିଲା ସେ ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି ।

ଏସ୍‌ପି ଶ୍ରୀ ସିଂ କହିଛନ୍ତି, ଭଦ୍ରକରୁ କିଛି ଲୋକ ଶବଦାହ ପାଇଁ ଗୁରୁବାର ରାତିରେ ସ୍ୱର୍ଗଦ୍ୱାରରେ ପହଞ୍ଚିଥିଲେ । ରାତି ପ୍ରାୟ ୧ଟା ୪୫ ପାଖାପାଖି ହେବ ସେମାନଙ୍କ ମଧ୍ୟରୁ ୪ ଜଣ ପଇଡ଼ ପାଇଁ ଚୈତନ୍ୟ ଛକକୁ ଆସିଥିଲେ । ସେମାନେ ତାଙ୍କ ସ୍ଥାନୀୟ ଭାଷାରେ ବଡ଼ପାଟିରେ କଥା ହେଉଥିଲେ । ନିକଟରେ ଥିବା ଅଭିଯୁକ୍ତ ତନ୍ମୟ ଭାବିଲା ତାକୁ ନେଇ ସେମାନେ ଏପରି କିଛି କହୁଛନ୍ତି । ତେଣୁ ସେ ଆସି ପଚାରିଥିଲା । ଏହାକୁ ନେଇ ପାଟିତୁଣ୍ଡ ପରେ ତନ୍ମୟ ନିଜ ପାଖରେ ରଖିଥିବା ଏକ ଛୁରୀରେ ରଞ୍ଜନଙ୍କ ସମେତ ଅଭିଯୋଗକାରୀ ମାନସଙ୍କୁ ଆକ୍ରମଣ କରିଥିଲା । ରଞ୍ଜନଙ୍କ ବେକରେ ଛୁରୀ ଭୁସି ଦେବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା । ଏହି ଘଟଣା ପରେ ଅଭିଯୁକ୍ତ ସେଠାରୁ ଫେରାର୍ ହୋଇଯାଇଥିଲା । ଖବର ପାଇ ପୁଲିସ ପହଞ୍ଚି ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା । ଡାକ୍ତର ରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଅଭିଯୁକ୍ତକୁ କାବୁ କରିଥିଲା । ଶନିବାର ତାକୁ କୋର୍ଟ ଚାଲାଣ କରାଯାଇଛି ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି ।

## ଦଲିଲ୍ ଲେଖକ ମୋହରିର୍ ମହାସଂଘର ରାଜ୍ୟସ୍ତରୀୟ ସମାବେଶ

ପୁରୀ,୧୦ା୧(ସମିସ): ସ୍ଥାନୀୟ ଟାଉନ ହଲ୍‌ଠାରେ ଶନିବାର ନିଖିଳ ଉତ୍କଳ ଦଲିଲ୍ ଲେଖକ ମୋହରିର ମହାସଂଘର ରାଜ୍ୟସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦଲିଲ୍ ଲେଖକ ମୋହରିରମାନଙ୍କର ବୃତ୍ତିଗତ ସୁରକ୍ଷା ଉପରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା । ଏଥିରେ କୁହାଯାଇଥିଲା ଯେ ରାଜ୍ୟର ସମସ୍ତ ସବ୍‌ରେଜିଷ୍ଟ୍ରାର ଅଫିସରେ କାର୍ଯ୍ୟରତ ଦଲିଲ୍ ଲେଖକ ମୋହରିର ଓ ଏମାନଙ୍କ ସହଯୋଗୀ ଶୃଙ୍ଖଳାର ସହ ଜନସାଧାରଣଙ୍କ ବିଭିନ୍ନ ପ୍ରକାରର ଦଲିଲ୍ ଲେଖି, ଆବଶ୍ୟକୀୟ ସମସ୍ତ ଦସ୍ତାବିଜ୍ ତନଖି କରି ପକ୍ଷଙ୍କଠାରୁ ସମସ୍ତ ବିଷୟ ଅବଗତ ହୋଇ ବିଭିନ୍ନ ଆଇନକୁ ତର୍ଜମା କରି ଦଲିଲ୍ ରେଜିଷ୍ଟ୍ରେସନ ପାଇଁ ପ୍ରସ୍ତୁତ କରନ୍ତି । ଏହାଦ୍ୱାରା ଷ୍ଟାମ୍ପ ଓ ଫି’ ବାବଦରେ ସରକାରୀ ରାଜସ୍ୱ ଆଦାୟ କରାଯାଇ ରାଜକୋଷକୁ ଅର୍ଥ ଯାଇଥାଏ । ସରକାରଙ୍କଠାରୁ କୌଣସି ପାରିଶ୍ରମିକ ପାଇ ନ ଥା’ନ୍ତି । ତେଣୁ ସମାବେଶରେ କେତେକ ଦାବି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏଥିମଧ୍ୟରେ ଦଲିଲ୍ ଲେଖକଙ୍କ ପାଇଁ ସରକାରୀସ୍ତରରେ ଏକ ୱେଲ୍‌ଫେୟାର ଫଣ୍ଡ ଖୋଲାଯାଉ । ୬୦ରୁ ଊର୍ଦ୍ଧ୍ୱ ବୟସର ଦଲିଲ୍ ଲେଖକ, ମୋହରିର କିମ୍ବା ଶାରୀରିକ ଅସୁବିଧା ଯୋଗୁଁ କାର୍ଯ୍ୟକ୍ଷମ ନ ଥିବା ଦଲିଲ୍ ଲେଖକଙ୍କୁ ସରକାର ପେନ୍‌ସନ ଦେବାର ବ୍ୟବସ୍ଥା କରନ୍ତୁ । ସେମାନଙ୍କୁ ସ୍ୱାସ୍ଥ୍ୟକାର୍ଡର ସୁବିଧା ଦିଆଯାଉ । ଯଦି ଅନ୍‌ଲାଇନ୍ ରେଜିଷ୍ଟ୍ରେସନ କରାଯାଏ ତେବେ ଦଲିଲ୍ ବୃତ୍ତିଗତ କ୍ଷତି ହେବା ସମ୍ଭାବନା ରହିଛି । ଏହାଦ୍ୱାରା ୧୦ ହଜାରରୁ ଊର୍ଦ୍ଧ୍ୱ ମୋହରିରଙ୍କ ପରିବାର କ୍ଷତିଗ୍ରସ୍ତ ହେବା ସମ୍ଭାବନା ଦେଖାଦେଇଛି । ଏଣୁ ସରକାର ଦଲିଲ୍ ଲେଖକ ମୋହରିରଙ୍କ ଜୀବନ ଜୀବିକାର ବିକଳ୍ପ ବ୍ୟବସ୍ଥା କରିବାକୁ ସରକାରଙ୍କୁ ଅନୁରୋଧ କରାଯାଇଥିଲା । କାର୍ଯ୍ୟକ୍ରମରେ ମହାସଂଘର ରାଜ୍ୟ ସଭାପତି ବଂଶୀଧର ବେହେରା, ସାଧାରଣ ସମ୍ପାଦକ ଅଶୋକ ଦାଶ ପ୍ରମୁଖ ଯୋଗଦେଇଥିଲେ ।



## ଭକ୍ତ ନିବାସ ପାର୍କିଂ ଫି’ ପ୍ରତ୍ୟାହାର ହେଉ: ଉମା

ପୁରୀ,୧୦ା୧(ସମିସ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଦେଶ ବିଦେଶରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଉପରେ ଶ୍ରୀମନ୍ଦିର ପ୍ରଶାସନ ଜବରଦସ୍ତ ଆର୍ଥିକ ବୋଝ ଲଦି ଦେଉଥିବା ଅଭିଯୋଗ କରିଛନ୍ତି ସମାଜସେବୀ ତଥା ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ । ଭକ୍ତ ନିବାସରେ ରହୁଥିବା ଶ୍ରଦ୍ଧାଳୁଙ୍କ ଗାଡ଼ି ପାର୍କିଂ ପାଇଁ ଦୈନିକ ୫୦୦ ଟଙ୍କା ଶୁଳ୍କ ଧାର୍ଯ୍ୟ କରିବା ନିଷ୍ପତ୍ତିକୁ ସେ ତୀବ୍ର ନିନ୍ଦା କରିବା ସହ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି । ଶ୍ରୀ ରଥ କହିଛନ୍ତି ଯେ, ସୁଲଭ ଦରରେ ରହିବା ପାଇଁ ଭକ୍ତ ନିବାସ ନିର୍ମାଣ ହୋଇଥିବାବେଳେ ଏତେ ଅଧିକ ପାର୍କିଂ ଫି’ ନେବା ଦ୍ୱାରା ଶ୍ରଦ୍ଧାଳୁମାନେ ସେଠାରେ ରହିବାକୁ ଅନିଚ୍ଛା ପ୍ରକାଶ କରିବେ । ଏହା ପରୋକ୍ଷରେ ପୁରୀର ଘରୋଇ ହୋଟେଲ ମାଲିକମାନଙ୍କୁ ଲାଭ ପହଞ୍ଚାଇବା ପାଇଁ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର । ଭାରତର କୌଣସି ପ୍ରମୁଖ ଦେବସ୍ଥଳୀରେ ପାର୍କିଂ ପାଇଁ ଏଭଳି ଦୈନିକ ୫୦୦ ଟଙ୍କା ନେବାର ନଜିର ନାହିଁ । ସରକାରଙ୍କ ଅଗୋଚରରେ ପ୍ରଶାସନ ଏଭଳି ଅଦ୍ଭୁତ ଓ ଜନବିରୋଧୀ ନିଷ୍ପତ୍ତି କିଭଳି ନେଉଛି ସେ ନେଇ ସେ ପ୍ରଶ୍ନ ଉଠାଇଛନ୍ତି । ପ୍ରଶାସନିକ ଅବ୍ୟବସ୍ଥା ଉପରେ କ୍ଷୋଭ ପ୍ରକାଶ କରି ଶ୍ରୀ ରଥ କହିଛନ୍ତି ଯେ ଅତୀତରେ ମହାପ୍ରଭୁଙ୍କର ପ୍ରାୟ ୧୩୦୦ ଏକର ମୂଲ୍ୟବାନ ଅମୃତମଣୋହି ଜମିକୁ ବେଦାନ୍ତ ପ୍ରକଳ୍ପ ପାଇଁ ବେଆଇନ ଭାବେ ବିକ୍ରି କରିଦିଆଯାଇଥିଲା । ଯେଉଁ ପ୍ରଶାସନ ମହାପ୍ରଭୁଙ୍କ ସମ୍ପତ୍ତିର ସୁରକ୍ଷା କରିପାରୁନାହିଁ, ସେ ଆଜି ଭକ୍ତଙ୍କୁ ଲୁଟିବାକୁ ଯୋଜନା କରୁଛି । ‘ଭକ୍ତଙ୍କୁ ଲୁଟିବା ମହାପାପ’ ବୋଲି ଉଲ୍ଲେଖ କରି ଶ୍ରୀ ରଥ କହିଛନ୍ତି ଯେ ସରକାର ଏହି ବିଷୟରେ ହସ୍ତକ୍ଷେପ କରି ତୁରନ୍ତ ପାର୍କିଂ ଫି’ ପ୍ରତ୍ୟାହାର କରନ୍ତୁ । ଆଗାମୀ ଦିନରେ ଏହା ବିରୋଧରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି ।

### ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ବୈଠକ

# ବର୍ଦ୍ଧିତ ପେନ୍‌ସନ ୬୫ ବର୍ଷରୁ ଲାଗୁ କରାଯାଉ




ପୁରୀ,୧୦ା୧(ସମିସ): ମା’ ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଶନିବାର ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ଲକ୍ଷ୍ମୀଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପେନ୍‌ସନଭୋଗୀ ଶିକ୍ଷକ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ପେନ୍‌ସନ୍‌ଭୋଗୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ ନିନ୍ଦା କରାଯାଇଥିଲା । ଚିକିତ୍ସା ଭତ୍ତା ପ୍ରଦାନ, ବର୍ଦ୍ଧିତ ପେନ୍‌ସନ ୮୦ ବର୍ଷ ପରିବର୍ତ୍ତେ ୬୫ ବର୍ଷରୁ ଲାଗୁ କରିବା ସମ୍ପର୍କରେ ସରକାର ବିଚାର ନ କରିବା ଦୁର୍ଭାଗ୍ୟଜନକ ବୋଲି ସଂଗଠନର ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା କହିଛନ୍ତି । ରାଜ୍ୟ ସରକାର ବିଧାୟକଙ୍କ ଦରମା, ଚିକିତ୍ସା ଭତ୍ତା, ପେନ୍‌ସନ ସହ ଅନ୍ୟ ଭତ୍ତା ବୃଦ୍ଧି କରିଥିବାବେଳେ କର୍ମଚାରୀ ଓ ପେନ୍‌ସନ୍‌ଭୋଗୀଙ୍କ ଦାବିକୁ ଉପେକ୍ଷା କରିବା ନିନ୍ଦନୀୟ ବୋଲି ସେ କହିଛନ୍ତି । ସେହିପରି ଧାରଣାରେ ବସିଥିବା ବିଭିନ୍ନ ସଂଗଠନର ଦାବି ପ୍ରତି ସରକାରଙ୍କ ଉଦାସୀନ ମନୋଭାବ ଓ ନିରବତା ଦୁଃଖଦାୟକ । ତୁରନ୍ତ ଦାବିଗୁଡ଼ିକ ଉପରେ ବିଚାର କରି ପଦକ୍ଷେପ ନେବାକୁ ଦାବି ହୋଇଛି । ବୈଠକରେ ଉତ୍କଳ ବିଦ୍ୱତ୍ ପରିଷଦର ସଭାପତି ମନୋଜ କୁମାର ରଥ, କେନ୍ଦ୍ର ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘ ପୁରୀର ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଷଡ଼ଙ୍ଗୀ ଓ ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଅତିଥି ଭାବେ ଉପସ୍ଥିତ ଥିଲେ । ଆଲୋଚନାରେ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ସନ୍ତୋଷ ମହାନ୍ତି, ରମେଶ ଚନ୍ଦ୍ର ପଣ୍ଡା, ବିଜୟ ପଣ୍ଡା, ମିନତି ଓତା, ବ୍ରହ୍ମାନନ୍ଦ ଦାସ, ମନୋଜ ସାମନ୍ତରାୟ, ପୂର୍ଣ୍ଣଚନ୍ଦ୍ର ଭଞ୍ଜ, ସତ୍ୟବାଦୀ ଦାସ, ସୁରେନ୍ଦ୍ରନାଥ ଦାସ, ବାଇଧର ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ରମେଶ ଚନ୍ଦ୍ର ବଳିୟାରସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।



## ଧାନକିଣା ଶୁଭାରମ୍ଭକୁ ଦୁଇ ସପ୍ତାହ ବିତିଲା

# ଏଯାଏଁ ହେଲାନି ମିଲର ସଂଯୋଗୀକରଣ

ନୟାଗଡ଼,୧୦ ।୧(ସମିସ): ନୟାଗଡ଼ ଜିଲ୍ଲାରେ ଡିସେମ୍ବର ୨୯ ତାରିଖ ଜିଲ୍ଲାସ୍ତରୀୟ ଧାନକିଣା ଶୁଭାରମ୍ଭ ହୋଇଛି । ତେବେ ଶୁଭାରମ୍ଭ ପରେ ଧାନକିଣା ଆରମ୍ଭ ହୋଇପାରିନାହିଁ । ଏଯାଏଁ କେଉଁ ପ୍ୟାକ୍ସରେ କେଉଁ ମିଲର ଧାନ କିଣିବେ ତାହା ସ୍ପଷ୍ଟ ହୋଇନାହିଁ । ମିଲର ସଂଯୋଗୀକରଣ ପ୍ରକ୍ରିୟା ଶେଷ ହୋଇ ନ ଥିବା ବେଳେ ଅଧାରୁ ଅଧିକ ଚାଷୀଙ୍କୁ ଟୋକନ ମିଳିନାହିଁ ।ନୟାଗଡ଼ ଜିଲ୍ଲାରେ ୫୭ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଥିବା ବେଳେ ଅଳ୍ପ ସଂଖ୍ୟକ ଚାଷୀଙ୍କୁ ଟୋକନ ମେସେଜ ଆସିଛି । ୩୦ ପ୍ରତିଶତ ଚାଷୀଙ୍କ ଟୋକନ ଆସିଥିବା ବେଳେ ୭୦ ପ୍ରତିଶତ ଚାଷୀ ଟୋକନ ଅପେକ୍ଷାରେ ରହିଛନ୍ତି । ଏଭଳି ସ୍ଥିତିରେ ଜିଲ୍ଲାରେ କିଭଳି ଧାନକିଣା ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ପ୍ରଶ୍ନ ଉଠିଛି । ମିଲରଙ୍କ ସହ ଚୁକ୍ତି ସରିଥିବା ଜିଲ୍ଲା ଯୋଗାଣ ଅଧିକାରୀ ମୁରଲୀ କ୍ରିଷ୍ଣାରାଓ ସୂଚନା ଦେଇଛନ୍ତି ।

ଜିଲ୍ଲାରେ ୯୦ ପ୍ରତିଶତ ଜମିରେ ଧାନ ଚାଷ ହେଉଛି । ଜିଲ୍ଲାରେ ମୁଖ୍ୟ ଅର୍ଥକାରୀ ଫସଲ ଭାବେ ଧାନ ପରିଚୟ ଲାଭ କରିଥିବା ବେଳେ ଚାଷୀ ଏବେ ହା ହତାଶରେ ସମୟ ଅତିବାହିତ କରୁଛନ୍ତି । ମଣ୍ଡି ଆରମ୍ଭ ହେଉ ନ ଥିବା ବେଳେ ଟୋକନ୍ ମେସେଜ ନ ଆସିବା ଚାଷୀଙ୍କୁ ଚିନ୍ତାରେ ପକାଇଛି । ଅନେକ ଚାଷୀ ଯୋଗାଣ ବିଭାଗ ଓ ସମବାୟ ବିଭାଗକୁ ଦୌଡ଼ୁଥିବା ବେଳେ ସେମାନଙ୍କୁ କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ । ଜିଲ୍ଲାରେ କେବେ ଧାନକିଣା ଆରମ୍ଭ ହେବ ତାକୁ ନେଇ ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି । ଚଳିତ ବର୍ଷ ଭଲ ଧାନ ଅମଳ ହୋଇଥିବା ବେଳେ ଯୋଗାଣ ବିଭାଗ ଓ ମିଲରଙ୍କ ଭିତିରି ବୁଝାମଣା ପାଇଁ ଧାନକିଣା ବିଳମ୍ବିତ ହେଉଥିବା ଅଭିଯୋଗ ହେଉଛି । ଚାଷୀଙ୍କୁ ଶୋଷଣ ଉଦ୍ଦେଶ୍ୟରେ ମିଲରମାନେ ପ୍ରଶାସନ ଓ ରାଜନେତାଙ୍କୁ ହାତମୁଠାରେ ରଖି ଗୋଟିଚାଳନା କରୁଥିବା ଆଲୋଚନା ହେଉଛି । ଗତବର୍ଷ ଓଦା ଧାନ ବୋଲି ବାହାନା କରି କ୍ୱିଣ୍ଟାଲ ପିଛା ୭ରୁ ୧୦ କେଜି ଯାଏଁ କଟଣିଛଟଣି ହୋଇଥିବା ବେଳେ ଚଳିତ ବର୍ଷ ସମାନ ଢାଞ୍ଚା ଆପଣାଇବା ପାଇଁ ଯୋଜନା କରାଯାଇଛି । ବିଳମ୍ବ ହେଲେ ଚାଷୀ ବିକଳ ଅବସ୍ଥାରେ ଇଚ୍ଛା ମୁତାବକ କଟଣିଛଟଣି କରିବାକୁ ସୁବିଧା ହେବ ବୋଲି ଅନୁମାନ କରାଯାଉଛି । ଜିଲ୍ଲାରେ ୪ ବିଧାୟକ, ୩ ସାଂସଦ ଥିବା ବେଳେ ଧାନକିଣା ପ୍ରକ୍ରିୟାକୁ ସୁବିଧାଜନକ କରିବାକୁ କାହାରି ଆନ୍ତରିକତା ନ ଥିବା ଭଳି ମନେ ହେଉଛି । ବିଜେପି ନେତାମାନେ କଟଣିଛଟଣି ହେବ ନାହିଁ ବୋଲି କହି ବୁଲୁଥିବା ବେଳେ ବାସ୍ତବତା ଭିନ୍ନ ବୋଲି ଆଲୋଚନା ହେଉଛି । ଜିଲ୍ଲାରେ ଧାନକିଣା ତ୍ୱରାନ୍ୱିତ ନହେଲେ ଚାଷୀ ଆନ୍ଦୋଳନ ଜୋରଦାର କରିବାକୁ କଂଗ୍ରେସ ଚେତାବନୀ ଦେଇଛି । ୧୨ ତାରିଖ କଂଗ୍ରେସ ପକ୍ଷରୁ ପୁରୁଣା ଜେଲ୍‌ଠାରେ ଚାଷୀ ସମାବେଶ ଆୟୋଜନ କରାଯାଉଛି । ଏହି ସମାବେଶରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେବେ ବୋଲି ସୂଚନା ମିଳିଛି । ଚାଷୀ ସମାବେଶକୁ ସଫଳ କରିବା ଏବଂ ପ୍ରଶାସନ ଉପରେ ଚାପ ସୃଷ୍ଟି କରିବା ପାଇଁ କଂଗ୍ରେସ ଗାଁ ଗାଁରେ ପ୍ରଚାର ଆରମ୍ଭ କରିଛି । ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା କରି ଚାଷୀ ସମାବେଶରେ ଯୋଗ ଦେବାକୁ ଚାଷୀଙ୍କୁ ଆହ୍ୱାନ ଦେଉଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତଥା ଯୋଗାଣ ବିଭାଗ କାର୍ଯ୍ୟାଳୟଠାରୁ ମାତ୍ର ୪ ଶହ ମିଟର ଦୂରରେ ଅନୁଷ୍ଠିତ ହେବାକୁ ଥିବା ଏହି ଚାଷୀ ସମାବେଶ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପାଲଟିଛି । ୧୨ ତାରିଖ ସୁଦ୍ଧା କୌଣସି ପ୍ରକାରେ ଧାନକିଣା ଆରମ୍ଭ ହୋଇପାରିବ ନାହିଁ । ଏହାକୁ କଂଗ୍ରେସ ଅସ୍ତ୍ର କରିବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି ।

■ କଂଗ୍ରେସ ପାଇଁ ବଡ଼ ରାଜନୈତିକ ଅସ୍ତ୍ର
■ ଚାଷୀ ସମାବେଶରେ ହେବ ମୁଖ୍ୟ ପ୍ରସଙ୍ଗ

## ମନରେଗା, ବିଦ୍ୟୁତ୍ ଓ ଧାନକିଣା ପ୍ରସଙ୍ଗରେ କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

# ସରକାରଙ୍କ ବିରୋଧରେ ଗର୍ଜିଲେ ଅମିୟ ପାଣ୍ଡବ

ନୟାଗଡ଼,୧୦ ।୧(ସମିସ): ନୟାଗଡ଼ ଜିଲ୍ଲା କଂଗ୍ରେସ ପକ୍ଷରୁ ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ ମିଡିଆ ସେଲ ଉପାଧ୍ୟକ୍ଷ ଅମିୟ ପାଣ୍ଡବ ଯୋଗଦେଇ ସିଧାସଳଖ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ସରକାରଙ୍କ ଜନବିରୋଧୀ ନୀତି ଓ କାର୍ଯ୍ୟକଳାପ ବିରୋଧରେ ନୟାଗଡ଼ରେ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ସମ୍ମିଳନୀରେ ପାଣ୍ଡବ କେନ୍ଦ୍ରର ମୋଦି ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି ।




ସେ କହିଛନ୍ତି ଯେ ମନରେଗା ଯୋଜନାର ମୂଳ ଉଦ୍ଦେଶ୍ୟକୁ ଅବହେଳା କରି ଯୋଜନାର ନାମ ପରିବର୍ତ୍ତନ କରାଯାଇ ମହାତ୍ମା ଗାନ୍ଧୀଙ୍କ ନାମକୁ ହଟାଯାଇଛି । ଏହାସହ ନିଶ୍ଚିତ କର୍ମଯୋଗାଣ ଗ୍ୟାରେଣ୍ଟିକୁ ଉଚ୍ଛେଦ କରି ଯୋଜନାକୁ ବାଟବଣା କରାଯାଇଛି । ଏହାର ପ୍ରତିବାଦରେ ଦେଶବ୍ୟାପୀ କଂଗ୍ରେସ ଆନ୍ଦୋଳନ କରିବ ବୋଲି ସେ ଘୋଷଣା କରିଛନ୍ତି ।

ରାଜ୍ୟରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ଅତିରିକ୍ତ ସୁରକ୍ଷା ଜମା ରାଶି ଲାଗୁ କରାଯିବା ଏବଂ ଟାଟା ପାୱାର ଇଚ୍ଛା ମୁତାବକ ସ୍ମାର୍ଟ ମିଟର ଲାଗୁ କରାଯାଉଥିବା କାର୍ଯ୍ୟକ୍ରମକୁ କଂଗ୍ରେସ ତୀବ୍ର ବିରୋଧ କରୁଛି ବୋଲି ପାଣ୍ଡବ କହିଛନ୍ତି । ନୟାଗଡ଼ ଜିଲ୍ଲା କଂଗ୍ରେସ ସଭାପତି ରଣଜିତ୍ ଦାଶ ଜିଲ୍ଲାର ଚାଷୀଙ୍କ ସମସ୍ୟା ଉଠାଇ କହିଲେ ଯେ ମଣ୍ଡି ଖୋଲିବା ପ୍ରାୟ ଦୁଇ ସପ୍ତାହ ହୋଇଯାଇଥିଲେ ମଧ୍ୟ ଧାନକିଣା ଆରମ୍ଭ କରାଯାଇ ପାରିନାହିଁ । ଏହା ଚାଷୀଙ୍କ ପାଇଁ ଗଭୀର ଚିନ୍ତାର ବିଷୟ । ଯଦି ଧାନକିଣାରେ ଥିବା ଅବ୍ୟବସ୍ଥାକୁ ତୁରନ୍ତ ସମାଧାନ କରା ନ ଯାଏ ତେବେ କଂଗ୍ରେସ ଚାଷୀଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି । ଧାନମଣ୍ଡି ଅବ୍ୟବସ୍ଥା ପ୍ରତିବାଦରେ ଆଗାମୀ ଜାନୁଆରୀ ୧୨ ସୋମବାର ନୟାଗଡ଼ରେ କଂଗ୍ରେସ ବିଶାଳ ଚାଷୀ ସମାବେଶ ଆୟୋଜନ କରୁଛି ଏବଂ ପିସିସି ସଭାପତି ଚାଷୀଙ୍କୁ ଉଦବୋଧନ ଦେବା ପାଇଁ ନୟାଗଡ଼ ଆସୁଥିବା ଡିସିସି କିସାନ ସେଲ ସଭାପତି ବସନ୍ତ କର ସୂଚନା ଦେଇଛନ୍ତି । ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଡିସିସି ସଭାପତି ଲକ୍ଷ୍ମୀଧର ତ୍ରିପାଠୀ, ନୟାଗଡ଼ ବ୍ଲକ କଂଗ୍ରେସ ସଭାପତି ଫକୀର ଚରଣ ମଲ୍ଲ, ରଣପୁର କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଭୁପ୍ରସାଦ ମିଶ୍ର ଓ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଚାଷୀ ବିରୋଧୀ ନୀତିକୁ ସମାଲୋଚନା କରିଥିଲେ ।

## ● ଦ୍ୱିତୀୟ ଅଯୋଧାରେ ଆଧାତ୍ମିକ ଓ ସାରସ୍ୱତ ସମ୍ମିଳନୀ

# ମାନବାଧିକାର ଆଲୋଚନା ଓ କବିତା ପାଠ




ଭାପୁର,୧୦ ।୧(ସମିସ): ସାରସ୍ୱତ ସମ୍ମିଳନୀ ଓ ମାନବାଧିକାର ଉପରେ ଏକ ଆଲୋଚନା ଓ ସମ୍ମିଳନୀରେ ଭାଗ ନେଇ ଦେଶର ମାନବିକ ଅଧିକାର କମିଶନ ନ୍ୟାୟମୂର୍ତ୍ତି ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ କହିଥିଲେ ଯେ ମାନବାଧିକାର ଆମ ରକ୍ତରେ ଅଛି ଓ ଏହା ଆମ ମା ପେଟରେ ଥିବା ସମୟରୁ ଆମେ ପାଇଥାଉ । ଦ୍ୱିତୀୟ ଅଯୋଧା ମାନ୍ୟତା ପାଇଥିବା ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ ଶ୍ରୀରାମ ମନ୍ଦିର ପରିସରରେ ଏକ ନିଆରା ବିଦ୍ୱାନ ସମ୍ମିଳନୀ ଆୟୋଜିତ ହୋଇଥିଲା । ଶ୍ରୀରାମ ସେବା ପରିଷଦ ଓ ମୋ ମାଟି ଭାପୁର ଆନୁକୂଲ୍ୟରେ ଶନିବାର ଦିନ ଆୟୋଜିତ ହୋଇଥିଲା ଆଧାଲିକ ଓ ସାରସ୍?ତ ସମ୍ମିଳନୀ । ଏହି ସମ୍ମିଳନୀରେ ମାନବିକ ଅଧିକାର ନେଇ ମୁଖ୍ୟତଃ ଆଲୋଚନା ହୋଇଥିଲା । ମୋ ମାଟି ଭାପୁର ଅନୁଷ୍ଠାନର ସଭାପତି ବେଣୁଧର ପ୍ରଧାନଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଶର ମାନବାଧିକାର କମିଶନର ସଦସ୍ୟ ତଥା ଓଡ଼ିଶା ଓ ଝାଡଖଣ୍ଡ ହାଇକୋର୍ଟ ପ୍ରାକ୍ତନ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ, ବିଶିଷ୍ଟ ସାରସ୍ୱତ ସାଧକ ତଥା ଶିଶୁକବି ଦାଶ ବେନେହୁର, ସୁବାର୍ତ୍ତା ସମ୍ପାଦକ ତଥା ଓଡ଼ିଆ ଭାଷା ଆନ୍ଦୋଳନ ମୁଖ୍ୟ ପ୍ରଦ୍ୟୁମ୍ନ ଶତପଥୀ, ଜଗନ୍ନାଥ ସଂସ୍କୃତି ଗବେଷକ ମାତୃପ୍ରସାଦ ମିଶ୍ର, ଆଇନ କମିଶନର ଓଡ଼ିଶା ହାଇକୋର୍ଟ ଜଷ୍ଟିସ ବିଶ୍ୱନାଥ ରଥ, କବି ରକ୍ଷକ ନାୟକ, ପ୍ରଫେସର ତଥା ବିଶିଷ୍ଟ ସ୍ତମ୍ଭକାର ଡ ପବିତ୍ର କୁମାର ସୁବୁଦ୍ଧି, ଶିକ୍ଷାବିତ ପ୍ରଫୁଲ୍ଲ କୁମାର ମହାନ୍ତି, ପୂର୍ବତନ ଆଡଭୋକେଟ ଜେନେରାଲ ସୂର୍ଯ୍ୟ ମିଶ୍ର, ଆଡଭୋକେଟ ସୌରୀବନ୍ଧୁ ମହାପାତ୍ର । ଅଂଶୁମାନ ଜେନା ମଞ୍ଚ ସଂଯୋଜନା କରିଥିଲେ । ଏହି ନିଆରା ସାରସ୍ୱତ ସମ୍ମିଳନୀ ଯୋଗୁଁ ଧାର୍ମିକ କ୍ଷେତ୍ରଟି ସାରସ୍ୱତ ସାଧନାର କ୍ଷେତ୍ରରେ ରୂପାନ୍ତରିତ ହୋଇଛି ବୋଲି ପ୍ରଦ୍ୟୁମ୍ନ ଶତପଥି କହିଥିଲେ । ଏହି ସମ୍ମିଳନୀରେରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଦେଢ ଶହ କବି ଭାଗ ନେଇ ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ ।

# ସର୍ବଭାରତୀୟ ଦଶପଲ୍ଲା କପ୍; ମଣିପୁର ସେମିରେ

ଦଶପଲ୍ଲା,୧୦ ।୧(ସମିସ): ସ୍ୱୋଟିଭ ସ୍ପୋର୍ଟସ ସୋସାଇଟି ଆନୁକୁଲ୍ୟରେ ସ୍ଥାନୀୟ ଗାନ୍ଧୀ ମଇଦାନରେ ଆୟୋଜିତ ୨୬ ତମ ମର୍ଯ୍ୟାଦାଜନକ ଦଶପଲ୍ଲା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆଜି ଗ୍ରୁପ ଏ ୨ୟ ଲିଗ ଅନ୍ତିମ ମ୍ୟାଚ୍ ଶେଷ ହୋଇଛି । ଆଜିର ଖେଳରେ ଫ୍ୟୁଚର ଫୁଟବଲ୍ ଏକାଡେମୀ ମଣିପୁର ଚିତ୍ତାକର୍ଷକ ଖେଳ ଖେଳି ଦିଲ୍ଲୀ ଜେବି ୟୁନାଇଟେଡ ସ୍ପୋର୍ଟସ କ୍ଲବକୁ ୩-୦ ଗୋଲରେ ପରାସ୍ତ କରି ୨ୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି । ଆଜି ଖେଳରେ ଡାକ୍ତର ବିକାଶ ମିଶ୍ର ଅତିଥି ଥିଲେ । ମ୍ୟାଚ୍ ପରିଚାଳନା କରିଥିଲେ ରେଫରୀ ରାଜ କିଶୋର ମହାନ୍ତି, ଲାଇନ୍ସରେ ଥିଲେ ରବୀନ୍ଦ୍ରନାଥ ନାୟକ, ପ୍ରସନ୍ନ ନାୟକ ଓ ଫୋର୍ଥ ଅଫିସିଆଲ୍ ଭାବେ ଅଶୋକ ପ୍ରଧାନ ସହଯୋଗ କରିଥିଲେ । ଆସନ୍ତାକାଲି ପ୍ରଥମ ସେମି ଫାଇନାଲରେ ବିହାର ମା କାମାକ୍ଷା ସ୍ପୋର୍ଟସ କ୍ଲବ ବନାମ ମଣିପୁର ଫୁଟବଲ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହେବା ନେଇ ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି ।



# ୫ ଛାତ୍ରଛାତ୍ରୀ ପାଇଲେ ସରକାରୀ ମେଧାବୃତ୍ତି



ଶରଣକୁଳ,୧୦ ।୧(ସମିସ): ଚଳିତ ବର୍ଷର ତୃତୀୟ ଶ୍ରେଣୀ ସରକାରୀ ମେଧାବୃତ୍ତି ଓ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ଫଳାଫଳ ପ୍ରକାଶ ପାଇଥିବା ବେଳେ କେଏସବି ପବ୍ଲିକ ସ୍କୁଲର ପାଞ୍ଚ ଜଣ ଛାତ୍ରଛାତ୍ରୀ ଏହିବୃତ୍ତି ପାଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ଏହି ବିଦ୍ୟାଳୟ ତୃତୀୟ ଶ୍ରେଣୀ ଛାତ୍ର ମହାବୀର ମହିମା ମୁଦୁଲି ତୃତୀୟ ଶ୍ରେଣୀ ମେଧା ବୃତ୍ତିରେ ଓଡଗାଁ ବ୍ଲକରେ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ପଠାଣି ସାମନ୍ତ ଗଣିତ ମେଧା ବୃତ୍ତି ଷ୍ଟେଜ ୱାନରେ ଏହି ସ୍କୁଲର ଆର୍ଯ୍ୟ ଅଂଶୁମାନ ଦାଶ, ଦୀପକ କୁମାର ବରାଡ଼, ଇପ୍ସିତା ମହାନ୍ତି, ମାମା ଭଟ୍ଟ ପ୍ରମୁଖ ଚାରି ଜଣ ଛାତ୍ର ଛାତ୍ରୀ ବୃତ୍ତି ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ଶନିବାର ବିଦ୍ୟାଳୟ ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା ଏଥିରେ ବିଦ୍ୟାଳୟର ସଭାପତି ମନୋରଞ୍ଜନ ଦାଶ, ସମ୍ପାଦକ ପ୍ରଶାନ୍ତ କୁମାର ଦାଶ, ଅଧ୍ୟକ୍ଷ ନୀଳମାଧବ ତ୍ରିପାଠୀଙ୍କ ସମେତ ଅଭିଭାବକ ଅଭିଭାବିକାମାନେ ଯୋଗ ଦେଇ ବୃତ୍ତିଧାରୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଚଳିତବର୍ଷ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ମେଧା ବୃତ୍ତିରେ ଏହି ବିଦ୍ୟାଳୟର ୧୨ ଜଣ ଛାତ୍ରଛାତ୍ରୀ ବୃତ୍ତି ହାସଲ କରିଥିଲେ ।

# ରାଷ୍ଟ୍ରଗୀତ ପ୍ରଶିକ୍ଷଣ ଶିବିର




ନୟାଗଡ଼,୧୦ ।୧(ସମିସ): ନୟାଗଡ଼ ପୌର ପରିଷଦ ଆନୁକୂଲ୍ୟରେ ଆଜି ରାଷ୍ଟ୍ରଗୀତ ବନ୍ଦେ ମାତରମ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ବନ୍ଦେ ମାତରମ ୧୫୦ ବର୍ଷ ପୂର୍ତ୍ତି ଅବସରରେ ସ୍ଥାନୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ମଧୁମିତା ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ପୌର ପରିଷଦ ଅଧିନସ୍ଥ ସମସ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ । ପ୍ରତ୍ୟେକ ଶିକ୍ଷକ ଏବଂ ପ୍ରତ୍ୟେକ ବ୍ୟକ୍ତି ଏହି ଗୀତର ଓଡ଼ିଆ ଅର୍ଥ ବୁଝିବା ଦରକାର ବୋଲି ଜିଲ୍ଲାପାଳ କହିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁ ଅତିଥି ଭାବେ ଯୋଗଦେଇ ଜାନୁଆରୀ ୧୨ ତାରିଖ ପ୍ରତ୍ୟେକ ବିଦ୍ୟାଳୟରେ ଏହାକୁ ପାଳନ କରିବାକୁ ମତ ଦେଇଥିଲେ । ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ପୌର ପରିଷଦ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, କାଉନସିଲର ଲକ୍ଷ୍ମୀଧର ମହାପାତ୍ର, ଦୀନବନ୍ଧୁ ଗୁରୁ ଏବଂ ସମସ୍ତ ପୌର କର୍ମଚାରୀ ଉପସ୍ଥିତ ଥିଲେ ।

# ୩ ଦୁର୍ଘଟଣାରେ ୩ ମୃତ

ଭାପୁର,୧୦ ।୧(ସମିସ): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅଞ୍ଚଳରେ ଶୁକ୍ରବାର ରାତିରେ ଦୁଇ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ଦୁଇ ଜଣ ଆହତ ହୋଇଛନ୍ତି । ଫତେଗଡ଼ ପଞ୍ଚାୟତ ବିଜୟନଗର ଗ୍ରାମର ବିଶ୍ୱନାଥ ସାହୁଙ୍କ ସ୍ତ୍ରୀ ଆଶାମଣିଙ୍କୁ ରାତି ୯ରେ ତାଙ୍କ ଘର ସମ୍ମୁଖରେ ଦ୍ରୁତଗତିରେ ଯାଉଥିବା ଏକ କାର ଧକ୍କା ଦେଇ ପଳାଇଥିଲା । ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ନାତୁଣୀ ବନୀତା ଆହତ ହୋଇ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛନ୍ତି ।

ସେହିପରି ପଦ୍ମାବତୀ ପଞ୍ଚାୟତ ଝଗଡ଼ପଡ଼ା ଗ୍ରାମ ଶବରସାହି ବିଚିତ୍ର ବେହେରାଙ୍କ ପୁଅ ଅଜୟ ଓ ତାଙ୍କ ସାଙ୍ଗ ସେହି ଗ୍ରାମର ସଂସାରୀ ବେହେରାଙ୍କ ପୁଅ ରାଜା ଭାପୁରରୁ ମହୋତ୍ସବ ଦେଖି ଫେରୁଥିବା ସମୟରେ ଟିକିରିପଡ଼ା ନାଳ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଗଛରେ ଧକ୍କା ହୋଇଥିଲେ । ଘଟଣାସ୍ଥଳରେ ଅଜୟଙ୍କ ମୃତ୍ୟୁ ହୋଇଥିଲା ବେଳେ ରାଜା ଆହତ ହୋଇ ଭାପୁରରେ ଚିକିତ୍ସିତ ହେଉଛନ୍ତି । ସେହିଭଳି ଶନିବାର ସନ୍ଧ୍ୟାରେ କାଳିଗିରି ବିଜ୍ର ନିକଟରେ ଏକ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଫତେଗଡ଼ ଗ୍ରାମ ଗଡ଼ଭିତର ସାହିର ମଥୁରା ପ୍ରଧାନ । ସେ ଚାଲି ଚାଲି ଯାଉଥିବା ବେଳେ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

# ତହସିଲ ଟାଇଗର, ଓଡ଼ଗାଁ ଗୋଲ୍ଡ ବିଜୟୀ



ଓଡ଼ଗାଁ,୧୦ ।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଗୋଲଡ୍ ସହିତ ଓଡ଼ଗାଁ କଲେଜ ସୁପର୍ କିଙ୍ଗସ୍ ଏବଂ ଓଡ଼ଗାଁ ବ୍ଲକ ବ୍ଲାଷ୍ଟର ସହିତ ତହସିଲ ଟାଇଗର ମଧ୍ୟରେ ଶନିବାର ଓଡ଼ଗାଁ ମିନି ଷ୍ଟାଡିୟମଠାରେ ୨ଟି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଛି । ପ୍ରଥମ ମ୍ୟାଚରେ ଓଡ଼ଗାଁ ବିଡିଓ ପ୍ରୀତିବାଳା ରଣାଙ୍କ ନେତୃତ୍ୱରେ ଖେଳୁଥିବା ଓଡ଼ଗାଁ ବ୍ଲକ ବ୍ଲାଷ୍ଟରକୁ ହରାଇ ଓଡ଼ଗାଁ ତହସିଲଦାର ମାନସ ରଞ୍ଜନ ଭୋଇଙ୍କ ଅଧିନାୟକତ୍ୱରେ ଆସିଥିବା ତହସିଲ ଟାଇଗର ଟିମ୍ ମ୍ୟାଚ ଖେଳି ୫ ଉଇକେଟରେ ବିଜୟ ହାସଲ କରିଥିଲା ।

ତହସିଲଦାରଙ୍କ ଦମଦାର ଛକା ଚୌକା ବ୍ୟାଟିଂ ମ୍ୟାଚକୁ ଜିତିବାରେ ସହାୟକ ହୋଇଥିଲା । ଦ୍ୱିତୀୟ ମ୍ୟାଚରେ ଓଡ଼ଗାଁ କଲେଜ ସୁପର୍ କିଙ୍ଗସକୁ ହରାଇ ଭେଟରାନ ଖେଳାଳି ତଥା ଓଡ଼ଗାଁର ଖେଳ ମଣିଷ ଭାବେ ପରିଚିତ ଦିବାକର ନାୟକଙ୍କ ଅଧିନାୟକତ୍ୱରେ ଓଡ଼ଗାଁ ଗୋଲଡ୍ ୬୪ ରନରେ ବିଜୟ ହାସଲ କରିଛି । ଅମ୍ପାୟାର ଭାବେ ଜନ୍ମେଜୟ ଦାଶ ମ୍ୟାଚ ପରିଚାଳନା କରିଥିବା ବେଳେ ଖେଳ ମଣିଷ ଦିବାକର ନାୟକଙ୍କ ପରାମର୍ଶ କ୍ରମେ ସନ୍ତୋଷ ପ୍ରଧାନ, ମାନସ ରଞ୍ଜନ ସାହୁ, ପ୍ରବୀର ନାୟକ, ସଞ୍ଜୟ ସାହୁ, ପ୍ରଭାକର ବେହେରା ଜ୍ୟୋତି ପ୍ରକାଶ ମାଝୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ପୁଣି ଏକ ଛୁଟି ଦିନରେ ଉଭୟ ବିଜୟୀ ଦଳଙ୍କ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି କୁହାଯାଇଛି ।

# ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ଦଶପଲ୍ଲା,୧୦ ।୧(ସମିସ): ମଧ୍ୟଖଣ୍ଡ ପିଏମ ଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ରାମଚନ୍ଦ୍ର ପଣ୍ଡା ମେମୋରିଆଲ ଟ୍ରଷ୍ଟ ଓ ସ୍କୁଲ ପରିଚାଳନା କମିଟି ମିଳିତ ଆନୁକୁଲ୍ୟରେ ବିଦ୍ୟାଳୟ ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ରାମଚନ୍ଦ୍ର ପଣ୍ଡାଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକୀ ମହାସମାରୋହରେ ପାଳିତ ହୋଇଯାଇଛି ।




ପ୍ରାରମ୍ଭରେ ବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ସ୍ୱର୍ଗତ ପଣ୍ଡାଙ୍କ ପ୍ରତିମୂର୍ତ୍ତୀରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କଲା ପରେ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମକୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା । ବକ୍ତାମାନେ ରାମଚନ୍ଦ୍ର ପଣ୍ଡାଙ୍କ ଜୀବନୀ ସହିତ ଗାଁ ପାଇଁ ତାଙ୍କର ତ୍ୟାଗପୁତ୍ତ ଜୀବନର ଅବଦାନ ସହିତ ସରକାରୀ ଚାକିରୀକୁ ପରିତ୍ୟାଗ କରି ଗାଁରେ ଷାଠିଏ ଦଶକରେ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କରି ଶିକ୍ଷାର ଆଲୋକ ଜାଳିଥିବା ସହିତ ଗାଁରେ ଡାକ୍ତରଖାନା ଓ କୃଷିର ବିକାଶ ପାଇଁ ମହାନ୍ତିପଲ୍ଲୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପ୍ରଭୃତି ଉଦ୍ୟମ କରି ସଫଳ ହୋଇଥିବା କଥା ଆଲୋଚନା କରିଥିଲେ । ଉଚ୍ଚ ବିଦ୍ୟାଳୟ ଥିବା ଯାଏଁ ରାମଚନ୍ଦ୍ର ପଣ୍ଡା ଅମର ହୋଇ ରହିବେ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ଉକ୍ତ ସଭାରେ ନରସିଂହପୁର କଲେଜ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର କୁଳମଣି ବାରିକି ମୁଖ୍ୟଅତିଥି, ଲେଖକ ହାଡିବନ୍ଧୁ ମହକୁଡ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ସରପଞ୍ଚ ସସ୍ମିତା ପ୍ରଧାନ, ସମ୍ମାନିତ ବକ୍ତା ବରିଷ୍ଠ ଆଇନଜୀବୀ ଶରତ ଚନ୍ଦ୍ର ବେହେରା, ସଙ୍ଗୀତଜ୍ଞ ଶରତ କୁମାର ସାହୁ, ସ୍କୁଲ ପରିଚାଳନା କମିଟିର ସଭାପତି ପ୍ରଫୁଲ୍ଲ କୁମାର ନାୟକ, ଅବସର ପ୍ରାପ୍ତ ଶିକ୍ଷକ ଯୁଧିଷ୍ଠିର ପଣ୍ଡା ଓ ରାମଚନ୍ଦ୍ର ପଣ୍ଡା ମେମୋରିଆଲ ଟ୍ରଷ୍ଟ ପ୍ରତିଷ୍ଠାତା ସଭାପତି ଜଗନ୍ନାଥ ପରିଡ଼ା ଯୋଗ ଦେଇଥିବା ବେଳେ, ରାମଚନ୍ଦ୍ର ପଣ୍ଡା ମେମୋରିଆଲ ଟ୍ରଷ୍ଟ ସଭାପତି ସରୋଜ କୁମାର ପଣ୍ଡା ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବା ବେଳେ ଶିକ୍ଷକ ବିଶ୍ୱମ୍ବର ପରିଡ଼ା ସଭାକୁ ସଂଯୋଜନା କରିଥିଲେ ।

ଏହି ସଭାରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀଙ୍କ ସମେତ ମଧ୍ୟଖଣ୍ଡ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଭଦ୍ରବ୍ୟକ୍ତି ଯୋଗଦେଇଥିଲେ ।

## ଉତ୍କର୍ଷ ଭାପୁର ମହୋତ୍ସବର ତୃତୀୟ ସନ୍ଧ୍ୟା

# ଶୀତୁଆ ରାତିରେ ଉଷ୍ମତା ଭରିଲେ ମଣ୍ଟୁ ଛୁରିଆ



ଭାପୁର,୧୦ ।୧(ସମିସ)

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ଆୟୋଜିତ ଉତ୍କର୍ଷ ଭାପୁର ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ତୃତୀୟ ସନ୍ଧ୍ୟା ଚିତ୍ତାକର୍ଷକ ହୋଇଛି । ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ, ସମ୍ମାନିତ ଅତିଥି ଭାବେ ବିଧାୟକ ମହାକାଳପଡ଼ା ଦୁର୍ଗାପ୍ରସାଦ ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ପୂର୍ବତନ କନ୍ଧମାଳ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ, ନୟାଗଡ଼ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଲଗ୍ନଜିତ ରାଉତ, ଉପ ଜିଲ୍ଲାପାଳ କର୍ଣ୍ଣ ଦେବ ସମାଦାର, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ସାମନ୍ତରାୟ ସମାଜସେବୀ ଶଶି ସାହୁ, ଶିକ୍ଷା ଅଧିକାରୀ ମୋନାଲିସା ରଥ ଯୋଗଦେଇଥିଲେ । ସିନେ କଳାକାର ଜିନା ସାମଲ, ଟିଭି ସଞ୍ଚାଳିକା ଅଙ୍କିତାଙ୍କ ମଞ୍ଚ ସଂଯୋଜନାରେ ଓ ଅର୍ଚ୍ଚିତାଙ୍କ ନୃତ୍ୟ ଓ ଅଭିନୟ ମଞ୍ଚ ଦୁଲୁକାଇଥିଲା । ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନେ କଳା ପରିବେଷଣ କରିଥିଲେ । ଶୀତୁଆ ସନ୍ଧ୍ୟାରେ ବହୁ ହିଟ୍ ସଙ୍ଗୀତ ଗାନ କରି ମଞ୍ଚରେ ଉଷ୍ମତା ଭରିଦେଇଥିଲେ ମଣ୍ଟୁ ଛୁରିଆ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଫତେଗଡ଼ ଥାନା ତରଫରୁ ୪ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ । ହଜାର ହଜାର ଭାପୁରିଆଙ୍କ ସମାଗମ ମହୋତ୍ସବର ମାନ ବୃଦ୍ଧି କରିଥିଲା । ଦେଢ଼ଶହରୁ ଉର୍ଦ୍ଧ୍ୱ ଷ୍ଟଲରେ ଭଲ କିଣାବିକା ହୋଇଥିଲା । ରବିବାର ଉଦଯାପନୀ ଉତ୍ସବରେ କୁଳଦୀପ ପଟ୍ଟନାୟକ ମେଲୋଡି ପରିବେଷଣ କରିବେ ।

# ଜାରି ରହିଛି ଘନ କୁହୁଡ଼ି; ଯାତାୟାତ ବାଧାପ୍ରାପ୍ତ

ଖୋର୍ଦ୍ଧା,୧୦।୧(ସମିସ):

ଚଳିତ ବର୍ଷ ଶୀତର ପ୍ରଭାବ ଜୋର ରହିଛି। କିଛିଦିନ ହେବ ଶୀତର ପ୍ରକୋପ ଜୋର ଧରିଥିବାବେଳେ ସେହି ଅନୁପାତରେ ଦିନ ବେଳା ମଧ୍ୟ ଖରାର ପ୍ରକୋପ ଜୋର ଧରିଛି। ପ୍ରାୟ ସପ୍ତାହ ହେବ ସକାଳୁ ଖୋର୍ଦ୍ଧା ସମେତ ଏହା ଉପକଣ୍ଠରେ ଘନକୁହୁଡ଼ି ହୋଇଥିବା ଦେଖାଯାଉଛି। ଖୋର୍ଦ୍ଧା ସହର ସମେତ ବିଭିନ୍ନ ଜାତୀୟ ରାଜପଥକୁ ଡାଙ୍କୁଣୀ ଭଳି ଘନକହୁଡ଼ି ଘୋଡ଼ାଇ ରଖିବା ଦୃଶ୍ୟ ଦେଖିବାକୁ ମିଳିଛି।

ପ୍ରାୟ ଦିନ ସାଢେ ୯ଟା ଯାଏଁ ପରିସ୍ଥିତି ଏ ଭଳି ହେଉଛି ଯାହାଫଳରେ ରାସ୍ତା ଉପରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ହାତ ଗଣତି କେତକ ଯାନବାହାର ରାସ୍ତାରେ ଚାଲୁଥିବାବେଳେ ଆଉ କେତକ ଗାଡ଼ି ଚାଳକ କୁହୁଡ଼ି ନ ଥମିବା ଯାଏଁ ରାସ୍ତା ଉପରକୁ ଆସିବାକୁ ଉଚିତ ମନେ କରୁନଥିବା କୁହାଯାଉଛି। କୁହୁଡ଼ିର ପରିମାଣ ଏମିତି ଯାହା ଫଳରେ ଗୋଟିଏ ଗାଡ଼ି ଚାଳକ ତାଙ୍କ



ଗାଡ଼ିର ପ୍ରାୟ ୫ଫୁଟ ଦୂରତା ମଧ୍ୟରେ ଅନ୍ୟଏକ ଗାଡ଼ିକୁ ଦେଖିବା କଷ୍ଟକର ହୋଇପଡ଼ିଛି। ଘନକୁହୁଡ଼ି ପ୍ରଭାବରେ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକ ମଧ୍ୟ ମାନ୍ଦା ଦେଖାଯାଇଥିବା ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି। ତେବେ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀବାହୀ ଗାଡ଼ି ଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ଗନ୍ତବ୍ୟ ସ୍ଥଳରେ ପହଁଚି ପାରୁନଥିବାବେଳେ ଜରୁରୀକାଳୀନ ସେବା କ୍ଷେତ୍ରରେ ନିୟୋଜିତ ଗାଡିଗୁଡିକ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା ପରିଲକ୍ଷିତ ହୋଉଛି। କୁହୁଡ଼ି ଏବଂ ସୂର୍ଯ୍ୟକିରଣ ଲୁଚକାଳି ଫଳରେ ଥଣ୍ଡା ପ୍ରକୋପ ବଢ଼ିବାରେ ଲାଗିଛି। ତେଣୁ ଅନେକ ଉଠାବ୍ୟବସାୟୀ ନିଆଁ ଜାଳି ଥଣ୍ଡାରୁ ସାମାନ୍ୟ ରକ୍ଷା ପାଉଥିବା ଦେଖିବାକୁ ମିଳିଛି। ବେଳକୁ ବେଳ ବାୟୁମଣ୍ଡଳରେ ପରିବର୍ତନ ଫଳରେ କୁହୁଡ଼ି ମାତ୍ରା ବୃଦ୍ଧି ପାଉଥିବା ପରିବେଶବିତ୍‌ମାନେ ମତ ପ୍ରକାଶ କରିଛନ୍ତି। ତେଣୁ ମୁଖ୍ୟତଃ ବାୟୁ ପ୍ରଦୂଷଣ ରୋକିବା ଉପରେ ସରକାର ଆବଶ୍ୟକ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ନଚେତ କୁହୁଡ଼ି ଦ୍ୱାର କେବଳ ଜନଜୀବନ ଅସ୍ତବ୍ୟସ୍ତ ନୁହେଁ ବରଂ ଦୁର୍ଘଟଣାରେ ଅନେକ ମୂଲ୍ୟବାନ ଜୀବନ ଚାଲିଯିବା ସେମାନେ ଆଶଙ୍କା କରିଛନ୍ତି।

ଅନ୍ୟପକ୍ଷରେ କିଛିଦିନ ହେବ ଜାରୀ ରହିଥିବା ଘନ କୁହୁଡି ଯୋଗୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦୁର୍ଘଟଣାମାନ ଘଟୁଛି। ଯାହାର ସଦ୍ୟ ଉଦାହରଣ ଗତକାଲି ଜାତୀୟ ରାଜଥରେ ଗଙ୍ଗପଡା ଛକ, ଦଧିମାଛଗାଡିଆ ଛକ ଓ ବାଲୁଗାଁ ଅଞ୍ଚଳର ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ଘଟଣା ସ୍ପଷ୍ଟ କରୁଛି। ସେହିପରି ଖୋର୍ଦ୍ଧା ସହରର ଭେଟେନାରୀ ଛକରେ କୁହୁଡି ପ୍ରଭାବରେ ରାସ୍ତା ନ ଦେଖାଯିବାରୁ ଏକ ବାଇକକୁ ଅଟୋ ଧକ୍କା ଦେଇଥିଲା। ଏଥିରେ ବାଇକ ଚାଳକ ଜିତେନ୍ଦ୍ର କୁମାର ସ୍ୱାଇଁ ଆହତ ହୋଇଥିଲେ। ଏଥିସହିତ ୫ଦିନ ତଳେ ୫୭ନଂ ଜାତୀୟ ରାଜପଥରେ ଭାରସାମ୍ୟ ହରାଇ ଏକ ପିକଅପ ଭ୍ୟାନ ରାସ୍ତାକଡକୁ ଖସିଯାଇଥିଲା। ମାତ୍ର ଏଥିରେ କାହାରକିଛି କ୍ଷତି ହୋଇନଥିଲା।

ତେବେ ସହର ମଧ୍ୟରେ ଥିବା ସ୍କୁଲର ଛୋଟ ଛୋଟ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବ୍ୟବସାୟୀମାନେ ବ୍ୟତିବ୍ୟସ୍ତ ହୋଇପଡିଛନ୍ତି। ଖୋର୍ଦ୍ଧା ଏସ୍‌ପି ଟ୍ରାନସ୍‌ପୋର୍ଟରେ ବ୍ୟବହୃତ ଟ୍ରକ ଗୁଡିକ ଯେପରି ପାଲ ଢ଼ାଙ୍କି କିମ୍ବା ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନକରି ବାଲି, ଗୋଡି, ପ୍ରଥର ପ୍ରଭୃତି ପରିବହନ ନ କରନ୍ତି, ସେ ଦିଗରେ ପଦକ୍ଷେପ ନେବାପାଇଁ ସହରବାସୀ ଦାବି କରିଛନ୍ତି। ଏ ଦିଗରେ କଡାକଡି ପଦକ୍ଷେପ ନେବାକୁ ସହରର ବୁଦ୍ଧିଜୀବିମାନେ ପ୍ରଶାସନକୁ ଅନୁରୋଧ କରିଛନ୍ତି।

## ଜଳ ବିଭାଜିକା ମହୋତ୍ସବରେ ଆଡ଼ିବନ୍ଧ ଲୋକାର୍ପଣ

ବେଗୁନିଆ,୧୦।୧(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ସିମୋର ପଞ୍ଚାୟତ ନିକଟସ୍ଥ ପଞ୍ଚୁଦୋଳ ପଡିଆରେ ଜଳ ବିଭାଜିକା ମହୋତ୍ସବ ପାଳନ ଅବସରରେ ଆଡିବନ୍ଧ ଉଦଘାଟିତ ହୋଇଛି। ଏଥିରେ ଜିଲ୍ଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଚକ୍ରଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ ସାହୁ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ,ସରପଞ୍ଚ ଲାବଣ୍ୟ ଜୟସିଂହ, ହାଡୁବନ୍ଧୁ ମହାପାତ୍ର ଓ ସମିତି ସଭ୍ୟ ନଳିନୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଜଳ ବିଭାଜିକା ପ୍ରକଳ୍ପରେ ଆଡ଼ିବନ୍ଧ ଦ୍ୱାରା ଚାଷୀ ମାନେ ମରୁଡି ସମୟରେ ଚାଷ କାର୍ଯ୍ୟ ପାଇଁ ଉପଯୋଗ କରି ପାରିବେ ବୋଲି ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବେଗୁନିଆ ବ୍ଲକ ମୃତ୍ତିକା ସଂରକ୍ଷଣ ସହକାରୀ ନିର୍ଦ୍ଦେଶକ ଶ୍ରୁତି ନନ୍ଦ, ଟାଙ୍ଗୀ ବ୍ଲକର ମାନସୀ ମହାପାତ୍ର, ସହକାରୀ ମୃତ୍ତିକା ସଂରକ୍ଷଣ କୃଷି ଯନ୍ତ୍ରୀ ଡ. ପ୍ରେରଣା ପ୍ରିୟଦର୍ଶିନୀ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ମନୋଜ କୁମାର ମାଝୀ, ସହକାରୀ କୃଷି ଅଧିକାରୀ ଶୁଭ୍ରାନ ରାଉଳ, ଭ୍ରାମ୍ୟମାଣ ପଶୁ ଚିକିତ୍ସା ଅଧିକାରୀ ବନ୍ଦିତା ବେହେରା ଓ ଉଦ୍ୟାନ ବିଭାଗ ଓଭରସିଅର ହୁଲାସ ଦେଈଙ୍କ ସମେତ ଜନ ସାଧାରଣ ଉପସ୍ଥିତ ରହିଥିଲେ।

## ଗିନି କପ୍ କ୍ରିକେଟ : ଫାଇନାଲରେ ସୋଲାର କ୍ଲବ ଆଲଫା

ଖୋର୍ଦ୍ଧା,୧୦।୧(ସମିସ): ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ସବ୍ୟସାଚୀ-ଦୀନେଶ ମେମୋରିଆଲ୍ ଗିନିକପ୍ କ୍ରିକେଟ ଟୁର୍ଣ୍ଣାମେଂଟ୍‌ର ଆଜିର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ସୋଲାର କ୍ଲବ, ଆଲଫା ବ୍ରହ୍ମପୁରକୁ ୪୨ରନ୍‌ରେ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛି। ଆଲଫା ଦଳ ଟସ୍ ଜିଣି ପ୍ରଥମେ ବୋଲିଂ କରିବାର ନିଷ୍ପତି ନେଇଥିଲେ। ସୋଲାର କ୍ଲବ ନିର୍ଧାରିତ ୨୦ଓଭରରେ ୮ୱିକେଟ ହରାଇ ୧୭୦ ରନ ସଂଗ୍ରହ କରିଥିଲେ। ଜବାବରେ ଆଲଫା ଦଳ ୧୬ ଓଭର ୩ ଟି ବଲ୍‌ରେ ସମସ୍ତ ୱିକେଟ ହରାଇ ୧୨୮ ରନ୍‌ରେ ସୀମିତ ରହିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ସୋଲାର କ୍ଲବ୍‌ର ଜାମଲା ମହାପାତ୍ରଙ୍କୁ ଅତିଥି ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ ଏବଂ ଖୋର୍ଦ୍ଧା ପୌରଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି ପୁରସ୍କୃତ କରିଥିଲେ। ଭାଷ୍ୟକାର ଅବ୍ୟକ୍ତ ହରିହର ଖାଡ଼ଙ୍ଗା ମଂଚ ପରିଚାଳନା କରିଥିଲେ। ଶରତ ଚନ୍ଦ୍ର ସାହୁ ଏବଂ ଅଭିନନ୍ଦନ ପାତ୍ର ଖେଳ ପରିଚାଳନା କରିଥିବା ବେଳେ ଜନ୍ମେଜୟ ଓ ରବିନାରାୟଣ ପରିଡା ସ୍କୋରର ଭାବେ କାର୍ଯ୍ୟ କରିଥିଲେ।

## ବାଳିକା ଆତ୍ମରକ୍ଷା କୌଶଳ ତାଲିମ୍ ଶିବିର

ବାଣପୁର,୧୦।୧(ସମିସ) : ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ତରଫରୁ ଛାତ୍ରୀ ମାନେ ନିଜେ ନିଜକୁ କିପରି ସୁରକ୍ଷିତ ରଖିବେ, ସେଥିପାଇଁ ରାଜ୍ୟର ସମସ୍ତ ମହାବିଦ୍ୟାଳୟର ଛାତ୍ରୀ ମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ୍ ଦିଆଯାଉଛି। ଏହି କ୍ରମରେ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ ପରିସରରେ ଯୁକ୍ତ ତିନି ଶ୍ରେଣୀର ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ନେଇ ଚଳିତ ମାସ ୯ ତାରିଖ ଠାରୁ ଆରମ୍ଭ କରି ୧୯ ତାରିଖ ପର୍ଯ୍ୟନ୍ତ ୮ ଦିନ ଧରି ଅନୁଷ୍ଠିତ ହେବାକୁଥିବା ବାଳିକା ଆତ୍ମରକ୍ଷା କୌଶଳ ତାଲିମ୍ ଶିବିର ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁର ପ୍ରତାପ ନରେନ୍ଦ୍ର ସିଂ ବର୍ମା ଯୋଗଦେଇ ଆତ୍ମରକ୍ଷା କୌଶଳର ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଉକ୍ତ ଶିବିରର କାର୍ଯ୍ୟକ୍ରମ ସଂଯୋଜିକା ଭାବେ ଅଧ୍ୟାପିକା ମିକି ମନସ୍ୱିନୀ ଦାୟିତ୍ୱ ତୁଲାଇ ଥିବା ବେଳେ ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ ସୋନି ମୁଦୁଲି ଓ ଜି.ସାବିତ୍ରୀ ଆଚାରୀ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

## ବରିଷ୍ଠ ନାଗରିକ ସଂଘର ବନ୍ଧୁମିଳନ

ବେଗୁନିଆ,୧୦।୧(ସମିସ): ବେଗୁନିଆ ସଦର ମହକୁମା ସ୍ଥିତ ମା' ବରମୂଳେଇ ପୀଠରେ ବରିଷ୍ଠ ନାଗରିକ ସଂଘର ବନ୍ଧୁମିଳନ ଉତ୍ସବ ଓ ପରିଚୟ ପତ୍ର ବର୍ଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ଦିଲ୍ଲୀପ କୁମାର ସାହୁଙ୍କ ଅଧ୍ୟକ୍ଷତା ଓ ବରିଷ୍ଠ ସଭ୍ୟ ବଳରାମ ରଣସିଂହଙ୍କ ସଂଯୋଜନାରେ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସମ୍ପାଦକ ରାମ ଶଙ୍କର ପଟ୍ଟନାୟକ ମୁଖ୍ୟଅତିଥି, ବୋଲଗଡ ବ୍ଲକ ବରିଷ୍ଠ ନାଗରିକ ସଂଘର




ସମ୍ପାଦକ ବୈକୁଣ୍ଠ ମହାରଣା ମୁଖ୍ୟବକ୍ତା ଓ ବରିଷ୍ଠ କର୍ମକର୍ତ୍ତା ଗଙ୍ଗାଧର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ନାଗରିକ ମାନଙ୍କ ପ୍ରତି ସରକାର ଗୁରୁତ୍ୱ ଦେଇ ସୁବିଧା ଓ ସୁଯୋଗ ପ୍ରଦାନ କରିବାକୁ ମତ ପ୍ରକାଶ ପାଇଥିଲା। ପରେ ବେଗୁନିଆ ପୁଲିସ ପକ୍ଷରୁ ବରିଷ୍ଠ ନାଗରିକ ପରିଚୟପତ୍ର ବର୍ଣ୍ଟନ କରାଯାଇଥିବାବେଳେ ସମ୍ପାଦକ ମନ ମୋହନ ମିଶ୍ର ଧନ୍ୟବାଦ କରିଥିଲେ।

## ବୃତ୍ତି ପରୀକ୍ଷାରେ ବିଜେବି ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କ କୃତିତ୍ୱ

ବାଣପୁର,୧୦।୧(ସମିସ) : ଚଳିତ ବର୍ଷର ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ବାଣପୁର ବ୍ଲକ ଅଲାଇଡିହସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ ବିଶେଷ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ସ୍ୱାଇଁ ପଞ୍ଚମ ଶ୍ରେଣୀ ଓ ଛାତ୍ର ବିଭୁ କଲ୍ୟାଣ ସାହୁ, ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ଲାଭ କରିଛନ୍ତି। ସେହିପରି ଛାତ୍ରୀ ସାଇଶ୍ରୀ ପ୍ରିୟଦର୍ଶିନୀ ମାଳି ପଠାଣି ସାମନ୍ତ ଗଣିତ ମେଧା ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ସୁନାମ ଅର୍ଜନ କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷକ ମନୋଜ କୁମାର ମହାନ୍ତି ଓ ଶିକ୍ଷକ ପ୍ରତିନିଧି ଅନ୍ନପୂର୍ଣ୍ଣା ପ୍ରଧାନ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଛନ୍ତି।

## ବସ୍‌ରୁ ଧରାହେଲେ ୨ ନକଲି ପୁଲିସ

ବେଗୁନିଆ,୧୦।୧ (ସମିସ): ଶୁକ୍ରବାର ଦିନ ରାତ୍ର ୧୦ ଘଟିକା ସମୟରେ ଯାତ୍ରୀବାହୀ ବସରୁ ଦୁଇ ନକଲି ପୁଲିସ ଅଧିକାରୀଙ୍କୁ ଧରିବା ବେଳେ ୧୧୨ରେ କାର୍ଯ୍ୟରତ ଜଣେ ଅସଲି ସହାୟକ ପୁଲିସ ଅଧିକାରୀ ସହ ଗାଡ଼ିର ଚାଳକକୁ ମାଡ଼ ମାରି ଲହୁଲୁହାଣ କରି ଦେଇଥିବାର ପୁଲିସ ପକ୍ଷରୁ ସୂଚନା ଦେଇଛନ୍ତି। ଭୁବନେଶ୍ୱରରୁ-ସିନାପଲି ଯାଉଥିବା ଦିଲଖୁସ ଯାତ୍ରୀବାହୀ ବସ୍‌ରେ ସଦର ଥାନା ଅନ୍ତର୍ଗତ ଦୁର୍ଗାପୁର ଗ୍ରାମର ତୋଫାନ ସାବତ (୨୭) ଓ କାହ୍ନୁ ସାବତ (୩୦) ଖୋର୍ଦ୍ଧା ସ୍ଥିତ ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟରୁ କଳାହାଣ୍ଡି ଜିଲ୍ଲାର ନର୍ଲା ଯିବା ପାଇଁ ଚଢ଼ିଥିଲେ। ପରେ ଗାଡ଼ି ଭିତରେ ଧୂମ୍ରପାନ କରୁଥିବା ବେଳେ ଜଣେ ଯାତ୍ରୀ ଅସୁସ୍ଥ ଅନୁଭବ କରିବାରୁ ଧୂମ୍ରପାନରୁ ନିବୃତ ହେବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଯାତ୍ରୀଙ୍କ ଗନ୍ତବ୍ୟ ସ୍ଥଳରେ ପହଁଚିଲେ ଶ୍ରୀ ସାବତ ଲୋକ ଲଗାଇ ମାଡ଼ ମାରିବାକୁ ଧମକାଇ ଥିଲେ। ଏହି ଘଟଣାରେ ବସ୍ କଣ୍ଡକ୍ଟର ପହଁଚି ବୁଝାସୁଝା କରିବା ପରେ ମଧ୍ୟ ନିବୃତ ହୋଇ ନ ଥିବା ବେଳେ ସେଥିମଧ୍ୟରୁ ଅନ୍ୟ ଜଣେ ଯାତ୍ରୀଙ୍କୁ ଅସହ୍ୟ ବୋଧ ହେବାରୁ ୧୧୨ ପୁଲିସକୁ କଲ କରିଥିଲେ। ଏଥି ମଧ୍ୟରେ ବସ୍‌ଟି ବେଗୁନିଆ ଥାନା ଅନ୍ତର୍ଗତ ଗଡତରା ଠାରେ ପହଁଚି ଯାଇଥିବା ବେଳେ ପୁଲିସ ଦୁଇ ଯୁବକଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ। ଏହା ପରେ ଜଣେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ପରିଚୟ ଦେଇଥିବା ବେଳେ ଅନ୍ୟ ଜଣେ ଅତିରିକ୍ତ ଏସପି ବୋଲି ପରିଚୟ ଦେଇ ଅସଲି ପୁଲିସକୁ ଆକ୍ରମଣ କରିବାରୁ ୧୧୨ରେ କାର୍ଯ୍ୟ କରୁଥିବା ସହକାରୀ ଉପନୀରିକ୍ଷକ ଜଗନ୍ନାଥ ସେଠୀ ଓ ଗାଡ଼ିର ଚାଳକ ଅବଦୁଲ ମେରାଜ୍ ଖାଁ ଆହତ ହୋଇଛନ୍ତି। ପରେ ଉଭୟଙ୍କୁ ଥାନାକୁ ଆଣି ଏକ ମାମଲା ରୁଜୁ କରି ତଦନ୍ତ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁ କହିଛନ୍ତି।

## ୧୯୮୪ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ନିରାକାରପୁର,୧୦।୧ (ସମିସ): ଖୋରଧା ଜିଲ୍ଲା ସିକୋ ଚନ୍ଦ୍ରେଶେଖର ହାଇସ୍କୁଲ ୧୯୮୪ ମସିହା ବ୍ୟାଚ ମାଟ୍ରିକ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ସ୍ଥାନୀୟ ତାରାଦେଇ ପୀଠରେ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ଶିକ୍ଷକ ମନୋଜ କୁମାର ପାତ୍ର ଓ ମହମ୍ମଦ ଇଲିଆସ ଖାଁ ପ୍ରମୁଖ ଉପସ୍ଥିତ ରହି ପୁରାତନ ଛାତ୍ରଛାତ୍ରୀଙ୍କ ମଙ୍ଗଳ କାମନା କରିଥିଲେ। ବିଜୟ ରାଉତରାୟ, ବିଶ୍ୱନାଥ ମଙ୍ଗରାଜ, ଅର୍ଜୁନ ସିଂହ, ଚିତ୍ତରଞ୍ଜନ ପଟ୍ଟନାୟକ, ପ୍ରଭାତ ସାହୁ, ପ୍ରମୋଦ ସାହୁ, ପାଣ୍ଡବ ସାହୁ, ମନୋଜ ସାହୁ, ପଦାରବିନ୍ଦ ରାୟ, ପ୍ରଭାତ ମହାନ୍ତି, ଦାଶରଥି ପ୍ରହରାଜ, ବୈକୁଣ୍ଠ ସ୍ୱାଇଁ, ସତ୍ୟବ୍ରତ ହରଣସିଂହ, ବୀଣାପାଣି ନରେନ୍ଦ୍ର, ପ୍ରଭାସିନୀ ନରେନ୍ଦ୍ର ଓ ମଞ୍ଜୁବାଳା ମାର୍ଥା ପ୍ରମୁଖ ସହଯୋଗ କରିଥିଲେ।

## ଆଜି ମେଗା ସ୍ୱାସ୍ଥ୍ୟ ଶିବିର

ବାଲୁଗାଁ,୧୦।୧(ସମିସ) : କିମ୍ସ ହସ୍ପିଟାଲ ଭୁବନେଶ୍ୱର ତରଫରୁ ରବିବାର ନାଚୁଣୀ ମହାବିଦ୍ୟାଳୟ ପରିସରରେ ଏକ ନିଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେଉଅଛି। ଶିବିର ସୁପରିଚାଳନା ଲାଗି ଶୁକ୍ରବାର ମହାବିଦ୍ୟାଳୟ ପରିସରରେ କିଟ ଓ କିମ୍ସ ଉପଦେଷ୍ଟା ପ୍ରଫେସର ଶଶାଙ୍କ ଶେଖର ଚୂଡ଼ାମଣୀଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରସ୍ତୁତି ବୈଠକରେ କିମ୍ସ ହସ୍ପିଟାଲର ଡକ୍ଟର ହରିଶ ଚୌଧୁରୀ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋସ୍ନାରାଣୀ ବେହେରା ଓ ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଧୃଷ୍ଟଦ୍ୟୁମ୍ନ ହରିଚନ୍ଦନ, ବାଲୁଗାଁ ବିଜେପି ନଗର ସଭାପତି ସନ୍ତୋଷ ପାଇକରାୟ ଉପସ୍ଥିତ ଥିଲେ। ଉକ୍ତ ଶିବିର ସକାଳ ୯ ଘଟିକା ସମୟରୁ ଆରମ୍ଭ ହୋଇ ଅପରାହ୍ନ ୫ଟା ଯାଏଁ ଚାଲିବାକୁ ଥିବା ବେଳେ ୨୫ଟି ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ବିଭିନ୍ନ ରୋଗରେ ପୀଡ଼ିତ ଥିବା ରୋଗୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ହସ୍ପିଟାଲ ତରଫରୁ ନିଶୁଳ୍କରେ ଔଷଧ ବର୍ଣ୍ଟନ ଓ ବିଭିନ୍ନ ପ୍ରକାର ପରୀକ୍ଷା କରାଯିବାର ବ୍ୟବସ୍ଥା କରାଯାଇଛି।

## ଖୋଲିନି ଧାନମଣ୍ଡି, ମିଲରଙ୍କ ଦେଖାନାହିଁ

ନିରାକାରପୁର,୧୦।୧ (ସମିସ): ଜିଲ୍ଲାରେ ଧାନ ମଣ୍ଡି ଜାନୁଆରୀ ୭ ତାରିଖରୁ ଆରମ୍ଭ ହେଲେ ମଧ୍ୟ ଏଯାବତ୍ କୌଣସି ଗୋଟିଏ ବି ସମିତି ତରଫରୁ ଧାନ ମଣ୍ଡି ଖୋଲି ହୋଇ ପାରିନାହିଁ। ଏହାର ପ୍ରମୁଖ ଏବଂ ବଡ଼ କାରଣ ହେଉଛି ଅଧିକ ଲୋକଙ୍କର ଟୋକନ ଏପର୍ଯ୍ୟନ୍ତ ଆସିନାହିଁ। ଜିଲ୍ଲା ସହକାରୀ ନିବନ୍ଧକ ଭାଗମତ ମାରାଣ୍ଡିଙ୍କୁ ଟୋକାନ ବିଳମ୍ବ ବାବଦରେ ପଚାରିବାରୁ ପ୍ରଥମ ପର୍ଯ୍ୟାୟରେ କିଛି ଟୋକନ୍ ଯାଇଛି ଏବଂ ପର୍ଯ୍ୟାୟ କ୍ରମେ ସବୁ ଟୋକନ୍ ଯିବ। ଯଦି ଟୋକନ୍ ଆସିବ ତେବେ କେବେ ଆସିବ ଧାନ ମଣ୍ଡି ତ ଜିଲ୍ଲାରେ ଆରମ୍ଭ ହୋଇ ଗଲାଣି। ଯେଉଁ ମାନଙ୍କର ଟୋକନ୍ ଆସୁନି ସେମାନେ କଣ ପଛରେ ଧାନ ଦେବେ , କିଛି ଲୋକଙ୍କର କହିବା କଥା ପଛେ ଦେଇଥିବା ଲୋକଙ୍କର ଟୋକନ୍ ଆସିଲାଣି କିନ୍ତୁ ଆଗ ଦେଇ ମଧ୍ୟ ଟୋକନ୍ ଆସି ନାହିଁ ଯାହାକି ଆଲୋଚନାର ବିଷୟ ହୋଇଛି।

ଟାଙ୍ଗୀ ବ୍ଲକର ଶ୍ରୀ ଜଗନ୍ନାଥ ମିଲକୁ ୫ ଟି ସମିତି ଯଥା ବଡ଼ପାରୀ, ଟାଙ୍କୋଲ , ଟାଙ୍ଗୀ, ନୂଆଗଡ, କାଶିପୁର -୨ ଏବଂ ଶ୍ରୀ ଚଣ୍ଡୀ ହର ଦେବ ରାଇସ ମିଲ କୁ ୯ ଟି ସମିତି ଯଥା ଭୁଷନଡ଼ପୁର, କନ୍ତଲବାଇ, ଲେଣ୍ଡୋ, ରାମେଶ୍ୱର, ବଡପୋଖରୀଆ, ସୁନ୍ଦରପୁର, କମାଗୁରୁ, କୁହୁଡ଼ି, ରାମେଶ୍ୱର ଏବଂ ଶ୍ରୀ ଗଣେଶରାଇସ ମିଲ ସହ କେବଳ ଗୋଟିଏ ସମିତି ଓଲାସିଂହ, ଶ୍ରୀ ଶକ୍ତି ତାରିଣୀ ରାଇସ ମିଲ କାଶୀପୁର -୨, ରାମେଶ୍ୱର, ଲେଣ୍ଡୋ ସମିତିରୁ ଧାନ କ୍ରୟ କରିବା ପାଇଁ ଜିଲ୍ଲା ଯୋଗାଣ ବିଭାଗ ତରଫରୁ ଜଣାଇ ଦିଆଯାଇଛି। ଯଦି ଧାନ ମଣ୍ଡି ବିଳମ୍ବରେ ଆରମ୍ଭ ହୁଏ ତାହେଲେ ଚାଷୀମାନେ ହଇରାଣ ହେବାକୁ ପଡିବ କାରଣ ଟୋକନ୍ ଅବଧି ଭିତରେ ଯଦି ଧାନ ନ ଉଠେ ତାହେଲେ ଲୋକେ ବାଧ ହୋଇ ମିଲ ପଏଣ୍ଟ ରେ ନେଇ ଧାନ ଦେବେ ଯାହା ଫଳରେ ମିଲର ମାନେ ମାଲେ ମାଲ ହେବେ ବୋଲି ଚାଷୀ ମହଲରେ ଆଲୋଚନା ହେଉଛି। ଯଦି ମିଲର ଟାର୍ଗେଟ ପକେଇ ସାରିଲେଣି ତାହେଲେ ଧାନ କିଣୁନାହାନ୍ତି କାହିଁକି ଯେତେ ବିଳମ୍ବ ହେବ ସେତେ କଟନି ଛଟନି ହେବେ ବୋଲି ଚାଷୀ ମହଲରେ ଆଲୋଚନା ହେଉଛି।

## ଆପାର୍ଟମେଣ୍ଟ କାମ ଶୀଘ୍ର ସାରିବାକୁ ଶ୍ରମିକ କଂଗ୍ରେସର ଦାବି

ଜଟଣୀ,୧୦।୧(ସମିସ): ଖୋର୍ଦ୍ଧାରୋଡ ରେଳମଣ୍ଡଳଠାରେ ଅବସ୍ଥିତ ରେଳ କର୍ମଚାରୀଙ୍କ ପରିବାର ରହଣି ନିମନ୍ତେ ପାଞ୍ଚବର୍ଷ ପୂର୍ବେ ଆରମ୍ଭ ହୋଇଥିବା ଆପାର୍ଟମେଣ୍ଟ ଅର୍ଦ୍ଧନିର୍ମିତ ଭାବେ ପଡ଼ିରହିଛି । ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ଜେନେରାଲ ସେକ୍ରେଟାରୀ ରମେଶ ସାହୁ ଓ ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜଙ୍କ ନିର୍ଦ୍ଦେଶ କ୍ରମେ ଶାଖା ସମ୍ପାଦକ ଏଲ ଡି ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କର୍ମଚାରୀଙ୍କ ମୌଳିକ ସୁବିଧା ପାଇଁ ଖୋର୍ଦ୍ଧାରୋଡ ଷ୍ଟେସନ ଓ ଲୋକୋ କଲୋନୀ ପରିଦର୍ଶନ କରି ନିର୍ମାଣ ପାଇଁ ଦାବି ଉପସ୍ଥାନ କରିଥିଲେ । ଏତେଗୁଡାଏ ଅର୍ଥ ଖର୍ଚ୍ଚକରି ଅର୍ଦ୍ଧନିର୍ମିତ ରେ ଛାଡ଼ିଦେବା ଦ୍ୱାରା ବାସ ଗୃହ ପାଇଁ ରେଳ କର୍ମଚାରୀ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ତା ସହିତ ଖୋର୍ଦ୍ଧାରୋଡ ଷ୍ଟେସନ ପ୍ଲାଟଫର୍ମ ନମ୍ବର ୫ ପଲାସା ଏଣ୍ଡରେ ଜଳ ନିଷ୍କାସନ ନିମନ୍ତେ ଉଦ୍ଦିଷ୍ଟ ନାଳକୁ ସଫା କରାଯାଉନଥିବାରୁ ଶହେ ମିଟର ପର୍ଯ୍ୟନ୍ତ ଉଭୟ ନାଳ ଓ ଲାଇନ ପଙ୍କ କାଦୁଅ ଜମି ରହି ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ଶାଖା ସମ୍ପାଦକ ଶ୍ରୀ ମହାନ୍ତି ତୁରନ୍ତ ସ୍ୱାସ୍ଥ୍ୟ ଅଧିକାରୀ ମନୁକୁମାରଙ୍କୁ ଘଟଣା ସ୍ଥଳକୁ ଡାକି ଅବ୍ୟବସ୍ଥା ସମ୍ପର୍କରେ ପ୍ରଶ୍ନ କରିଥିଲେ । ଟିଆରଡି ଡିପୋ ରେ ବାକି ଥିବା କାମ ଶୀଘ୍ର ସାରିବାକୁ କର୍ମଚାରୀ ମାନେ ଦାବି କରିଥିଲେ । ଟିଆରଡ଼ି ଡିପୋ କାମ ଉପରେ ଶ୍ରମିକ କଂଗ୍ରେସର ଦାବିପତ୍ରକୁ ମଞ୍ଜୁରୀ ମିଳିଛି ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ। ଆପାର୍ଟମେଣ୍ଟ ଓ ଡିଜେଲ ପାଇପ ତୁରନ୍ତ ହଟାଇବା ପାଇଁ ଲିଖିତ ଦାବିପତ୍ର ଦିଆଯିବ ବୋଲି ଶ୍ରୀ ମହାନ୍ତି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ହାଜି ମୁସ୍ତାକ ଅଲ୍ଲୀ, ଉପସଭାପତି ଫକୀର ନାୟକ , ସହ ସମ୍ପାଦକ ସୁନୀଲ ପରିଡା, ବିକ୍ରମ ସାହୁ ଓ ଅନ୍ୟ କର୍ମୀ ଉପସ୍ଥିତ ଥିଲେ।

## ପ୍ଲାଷ୍ଟିକମୁକ୍ତ ସଚେତନତା ଅଭିଯାନ




ବାଲୁଗାଁ,୧୦।୧(ସମିସ) : ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ରାଷ୍ଟ୍ରୀୟ ସମର ଶିକ୍ଷାର୍ଥୀ ବାହିନୀ, ଯୁବ ରେଡକ୍ରସ ଓ ରୋଭର୍ସ ଶାଖାର ମିଳିତ ଆନୁକୂଲ୍ୟରେ ପ୍ଲାଷ୍ଟିକମୁକ୍ତ ସ୍ଥାୟୀ ପରିସର ସମ୍ପର୍କିତ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ଅଧ୍ୟାପକ କୈଳାଶ ଚନ୍ଦ୍ର ମହାରଣା, ମୋନାଲିସା ମାନସିଂହ, ଅଧ୍ୟାପିକା ରୀନା ରାଉତ, ମନସ୍ୱିନୀ ପଟ୍ଟନାୟକ, ସ୍ନିଗ୍ଧାରାଣୀ ମୁଦୁଲି, ଝରଣା ନାଥ, ଅଧ୍ୟାପକ ଶିବରାମ ସିଂହ ଓ ଧୋବି ଚରଣ ପରିଡାଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିସରରେ ପଡିଥିବା ପ୍ଲାଷ୍ଟିକ ଓ ପଲିଥିନ ଆବର୍ଜନା ଆଦି ସଫେଇ କରିଥିଲେ।

## ଅବସରପ୍ରାପ୍ତ ସେସୁ କର୍ମଚାରୀଙ୍କ ବିୟୋଗରେ ଶୋକ

ନିରାକାରପୁର,୧୦।୧ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଡିଆ ପଞ୍ଚାୟତ ଅନ୍ତର୍ଗତ କପିଳେଶ୍ୱର ଗ୍ରାମର ଅବସରପ୍ରାପ୍ତ ସେସୁ କର୍ମଚାରୀ ବିନୋଦ ବିହାରୀ 'ଜେନା(୯୫)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ପରଲୋକରେ ପତ୍ନୀ, ୩ପୁତ୍ର, ୩ ପୁତ୍ର ବଧୂ ଓ ନାତିନାତୁଣୀଙ୍କ ସହ ପରିବାର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ତାଙ୍କର ପାର୍ଥିବ ଶରୀର ଗ୍ରାମର ଶ୍ମଶାନରେ ଅନ୍ତେଷ୍ଟି କ୍ରିୟା ସମାପନ କରାଯାଇଛି।

## ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଜଟଣୀ,୧୦।୧(ସମିସ) : ରାଷ୍ଟ୍ରଗୀତ "ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ଅବସରରେ ଜଟଣୀ ପୌର ପରିଷଦ ସ୍ଥରୀୟ ପ୍ରଶିକ୍ଷଣ ଓ ସାମୁହିକ ଗାନ କାର୍ଯ୍ୟକ୍ରମ ସ୍ଥାନୀୟ ଟାଉନ ହଲ (ସ୍ରଷ୍ଟା), ଜଟଣୀ ଠାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜଟଣୀ ପୌରାଞ୍ଚଳ ଅଧୀନ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନରୁ ଜଣେ ଲେଖାଏଁ ଶିକ୍ଷକ ପ୍ରଶିକ୍ଷଣ ନେବା ପାଇଁ ସରକାଙ୍କ ନିର୍ଦ୍ଦେଶ କ୍ରମେ



ଆସିଥିଲେ। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜଟଣୀ ପୌର ପରିଷଦର ନଗରପାଳ ଅନନ୍ତ ବେହେରା, ଉପାଧ୍ୟକ୍ଷା ଆରତୀ ରାଉତ, ମଣ୍ଡଳ ଶିକ୍ଷା ଅଧିକାରୀ ଯୋଗେଶ ଚନ୍ଦ୍ର ସମନ୍ତସିଂହାର, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରା ଅତିଥି ଭାବେ ଯୋଗଦାନ କରିବା ସହ ମାଷ୍ଟର ଟ୍ରେନର ଭାବେ ଜଟଣୀ ମହାବିଦ୍ୟାଳୟର ପ୍ରାଧାପକ ଡାକ୍ତର ବିଜୟ ଶଙ୍କର, ରାଜା ବଜାର ବିଦ୍ୟାଳୟର ମାନଗୋବିନ୍ଦ ସାହୁ, ଲୋକୋ ସେଟଲମେଣ୍ଟ ବିଦ୍ୟାଳୟର ଶ୍ରୀନିବାସ ପାଇକରାୟ ଉପସ୍ଥିତ ଥିବା ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆସନ୍ତା ୧୨ତାରିଖରେ ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ ଅବସରରେ ବିଦ୍ୟାଳୟ ସ୍ତରରେ ସମୂହ ଗାନ କରିବା ସହ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରିବେ। ଏହି କାର୍ଯ୍ୟକ୍ରମକୁ ଜଟଣୀ ପୌର ପରିଷଦ ପକ୍ଷରୁ ସୁଜ୍ଞାନୀ ପାଢ଼ୀ, ମନସ୍ୱିନୀ ମହାରଣା, ଜ୍ୟୋତିରଞ୍ଜନ ରାଉତରାୟ, ସତ୍ୟବ୍ରତ ତ୍ରିପାଠୀଙ୍କ ସହ ଅନ୍ୟମାନେ ପରିଚାଳନା କରିଥିଲେ।

## ଚୋରା ପଥର ଟ୍ରକ ଜବତ

ବେଗୁନିଆ,୧୦।୧(ସମିସ): ବାଘମାରୀ ଥାନା ଅନ୍ତର୍ଗତ କୋଟପଲା - ଓସ୍ତପୁର ମଧ୍ୟରେ ବେଆଇନ ଭାବେ ପଥର ବୋଝେଇ ଟ୍ରକ୍ ଜବତ ହୋଇଥିବା ବେଳେ ଚାଳକ ଫେରାର ହୋଇ ଯାଇଛି। ବାଘମାରୀ ଥାନା ଅଧିକାରୀ ସୁଚିତ୍ରା ଜେନାଙ୍କ ସୂଚନା ଅନୁଯାୟୀ ଘଟଣା ସ୍ଥଳରେ ଉପନୀରିକ୍ଷକ ଚନ୍ଦନ ଦାସ ପହଁଚି ଏକ କେସ ରୁଜୁ ସହ ଗାଡ଼ିକୁ ଜବତ କରି ଥାନାକୁ ଆଣିଛନ୍ତି ବୋଲି କହିଛନ୍ତି।

## ଅଖିଳ ଭାରତ ଆଦିବାସୀ ମହାସଭାର ବାର୍ଷିକ ସମ୍ମିଳନୀ

ବୋଲଗଡ଼,୧୦।୧(ସମିସ): ଖୋର୍ଦ୍ଧା ଜିଲ୍ଲା ଆଦିବାସୀ ମହାସଂଘ ଆନୁକୂଲ୍ୟରେ ଦଶମ ବାର୍ଷିକୀ ଅଖିଳ ଭାରତ ଆଦିବାସୀ ମହାସଭାର ବାର୍ଷିକ ସମ୍ମିଳନୀ ବୋଲଗଡ଼ ବ୍ଲକ ଅନ୍ତର୍ଗତ ପିଚୁକୁଳି ସ୍ଥିତ ଭାରତୀୟ କମ୍ୟୁନିଷ୍ଟ ପାର୍ଟି କାର୍ଯ୍ୟାଳୟଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ସଂଘର ସମ୍ପାଦକ ବିରଞ୍ଚି ମାଝୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାଜ୍ୟ ଆଦିବାସୀ ମହାସଂଘ ର ଉପଦେଷ୍ଟା କ୍ଷୀରୋଦ ସିଂଦେଓ, ମୁଖ୍ୟବକ୍ତା ଭାବେ ରାଜ୍ୟ ଆଦିବାସୀ ମହାସଭାର ମୁଖ୍ୟ ଉପଦେଷ୍ଟା ବସନ୍ତ ପାଇକରାୟ ଏବଂ ସମ୍ମାନିତ ଅତିଥି ରୂପେ ସିପିଆଇର ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ଆଇନଜୀବୀ ଅମୀୟ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ବିଜୟ ଗୁମାନସିଂହ, ଶ୍ରମିକ ନେତା ସୁମନ୍ତ ଛୋଟରାୟ, ଉତ୍କଳ ମହିଳା ସମିତି ର ସଭାନେତ୍ରୀ ପ୍ରମୋଦିନୀ ପାଇକରାୟ, ବ୍ଲକ ସଭାପତି ଲଛମନ ନାଏକ, ଉପସଭାପତି ଆଶିଷ ନାଏକଙ୍କ ସମେତ ହରିବନ୍ଧୁ ରଣସିଂହ, ଭକ୍ତ ବଲ୍ଲଭ ପଟନାୟକ, ବସନ୍ତ ସେଠୀ, ଫକୀର ନାଏକ, ସୁବାସିନୀ ନାଏକ, କନକ ଦେଇ, ଶ୍ୟାମାକାନ୍ତ ପଟନାୟକ, କେଲୁ ଦେହୁରୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଶୀଘ୍ର ଧାନ ମଣ୍ଡି ଖୋଲାଯାଉ, ସମସ୍ତ ଚାଷୀ ମାନଙ୍କୁ ମଣ୍ଡିରେ ଧାନ ବିକ୍ରି ପାଇଁ ଟୋକନ ପ୍ରଦାନ କରାଯାଉ, ବିଧବା ଓ ବାର୍ଦ୍ଧକ୍ୟ ହିତାଧିକାରୀ ମାନଙ୍କୁ ସଠିକ ସମୟରେ ଭତ୍ତା ଅର୍ଥ ରାଶି ପ୍ରଦାନ କରାଯାଉ, ଭତ୍ତା ପାଇଁ ଆବେଦନ କରିଥିବା ୬୦ବର୍ଷରୁ ଉଦ୍ଧ୍ୱର୍ ବ୍ୟକ୍ତି ଏବଂ ବରିଷ୍ଠ ବାର୍ଦ୍ଧକ୍ୟ ବୟସ ୮୦ବର୍ଷ ରୁ ଉର୍ଦ୍ଧ ଯୋଗ୍ୟ ଆବେଦନ କାରୀଙ୍କୁ ହିତାଧିକାରୀ ଭାବେ ପଞ୍ଜିକୃତ କରାଯାଇ ଭତ୍ତା ପ୍ରଦାନ କରାଯାଉ । ଆଦିବାସୀ ମାନଙ୍କ କ୍ଷେତ୍ରରେ ସଅର ପରିବର୍ତ୍ତେ ଶବର କରାଯାଇ ଜାତିଗତ ପ୍ରମାଣ ପତ୍ର ପ୍ରଦାନ, ଗ୍ରାମାଞ୍ଚଳର ସମସ୍ତ ସିମେଣ୍ଟ କଂକ୍ରିଟ ରାସ୍ତା ଗୁଡିକୁ ମରାମତି କରାଯାଇ । ଯୋଗ୍ୟ ହିତାଧିକାରୀ ମାନଙ୍କୁ ଖାଉଟି କାର୍ଡ ଯୋଗାଇ ଦିଆଯାଉ ଇତ୍ୟାଦି ଦାବି କରାଯାଉଛି। ଏହି ଦାବୀ ଗୁଡିକ ପୁରଣ ନହେଲେ ଆଗାମୀ ଦିନରେ ଆଦିବାସୀ ମହାସଂଘ ପକ୍ଷରୁ ବୋଲଗଡ଼ ବ୍ଲକ ଘେରଉ କରାଯିବ ବୋଲି ବୈଠକରେ ରାଜ୍ୟ ସମ୍ପାଦକ ବିରଞ୍ଚି ମାଝୀ ଓ ମୁଖ୍ୟ ଉପଦେଷ୍ଟା ବସନ୍ତ କୁମାର ପାଇକରାୟ ଚେତାବନୀ ଦେଇଥିଲେ। ବେଣୁଧର ଭୁଜବଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରାଉନସୁଗର ଜବତ, ୨ ଗିରଫ

ଖୋର୍ଦ୍ଧା,୧୦।୧(ସମିସ): ଭାଲିଆବାଡି ନୂଆ ମହୋତ୍ସବ ପଡିଆ ନିକଟରୁ ପୁଲିସ ୨ଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ କଲ୍ୟାଣପୁର ସନ୍ତୋଷ କୁମାର ରାଉତରାୟ ଓରଫ୍ ସନ୍ତୁ (୪୩) ଏବଂ ବିଜେବି ନଗରର ସୂର୍ଯ୍ୟକାନ୍ତ ନାୟକ ଓରଫ୍ ବାବୁ (୩୩)। ପୁଲିସ ତା ଠାରୁ ୧୪ଗ୍ରାମ ବ୍ରାଉନସୁଗର ଓ ଦୁଇଟି ଫୋନ୍ କୁ ଜବତ କରିଛି। ଜବତ ବ୍ରାଉନସୁଗର ର ମୂଲ୍ୟ ୧ଲକ୍ଷ ୪୦ହଜାର ହେବ ବୋଲି ପୁଲିସ ଆକଳନ କରିଛି। ଅତିରିକ୍ତ ଥାନା ଅଧିକାରୀ ବିଭୁତି ଭୂଷଣ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଚଢଉ କରି ଦୁଇଜଣଙ୍କୁ କାବୁ କରିଥିଲେ। ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି।

### ନରେଗା ଯୋଜନାରେ ମହାତ୍ମା ଗାନ୍ଧୀଙ୍କ ନାମକୁ ପୁନଃ ଯୋଡ଼ନ୍ତୁ କେନ୍ଦ୍ର ସରକାର

# ରାଜରାସ୍ତାରେ ପ୍ରତିବାଦ କରିବ କଂଗ୍ରେସ

ଖୋର୍ଦ୍ଧା,୧୦।୧(ସମିସ):

ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ରାଜୀବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀରେ ଜନସାଧାରଣଙ୍କୁ ମହାତ୍ମା ଗାନ୍ଧୀ ନରେଗା ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟା ଯିବା ସମ୍ପର୍କରେ ସଚେତନ କରାଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା ଯୋଗଦେଇ ୟୁପିଏ ସରକାର ସମୟରେ ବେକାରୀ ଲୋକଙ୍କୁ କାମ ଦେବା ଉଦ୍ଦେଶ୍ୟରେ ପ୍ରଣୟନ ହୋଇଥିବା ମହାତ୍ମା ଗାନ୍ଧୀ ନରେଗା ଯୋଜନାରେ କୋଟି କୋଟି ଜନସାଧାରଣ ଉପକୃତ ହେଉଥିଲେ। ଖୁବ୍ ନିକଟରେ ବିଜେପି ଷଡଯନ୍ତ୍ର କରି ମହାତ୍ମା ଗାନ୍ଧୀଙ୍କ ନାମକୁ ହଟାଇ ନୂତନ ଯୋଜନା




କରି ଏହି ଯୋଜନାର ଲକ୍ଷ୍ୟ ପୂରଣ ଦିନରେ ପ୍ରତିବନ୍ଧକ ସାଜିଛନ୍ତି। ଏହାକୁ କଂଗ୍ରେସ ଦଳ ତୀବ୍ର ବିରୋଧ କରି ରାଜରାସ୍ତାକୁ ଓହ୍ଲାଇଛି। ଯେ ପର୍ଯ୍ୟନ୍ତ କେନ୍ଦ୍ର ସରକାର ଏହାକୁ ପୂର୍ବଭଳି ମହାତ୍ମା ଗାନ୍ଧୀଙ୍କ ନାମ ନ ଯୋଡ଼ନ୍ତି କଂଗ୍ରେସ ଦଳ ରାହୁଲ ଗାନ୍ଧୀ ଓ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ଦୃଢ଼ ପ୍ରତିବାଦ କରିବ ବୋଲି କହିଥିଲେ।

ସେହିଭଳି ରାଜ୍ୟରେ ବିଜୁଳି ଉପଭୋକ୍ତାମାନଙ୍କୁ ଟାଟା କମ୍ପାନୀ ଯେଉଁଭଳି ଭାବରେ ଶୋଷଣ କରୁଛି ତାହା ଅତ୍ୟନ୍ତ କ୍ଷୋଭର ବିଷୟ। ଉପଭୋକ୍ତାମାନଙ୍କ ପାଇଁ ଥିବା ବ୍ୟବସ୍ଥାକୁ କାର୍ଯ୍ୟ କରାଯାଉ ନାହିଁ। ମନମୁଖି ଶୁଳ୍କ, ସ୍ମାର୍ଟ ମିଟର ପାଇଁ ଦେୟ ଉପଭୋକ୍ତା ମାନଙ୍କୁ ଆର୍ଥିକ ସଂକଟ ମଧ୍ୟକୁ ଠେଲି ଦେଇଛି ବୋଲି ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ କହିଥିଲେ। ଏଥିସହିତ ରାଜ୍ୟରେ ଧାନର ଅଭାବି ବିକ୍ରୀ ଉତ୍କଟ ହେଲାଣି। ଚାଷୀଭାଇ ମାନେ ଅମଳ କରିଥିବା ଧାନକୁ ସରକାର ଉଠାଉ ନାହାନ୍ତି। ମଣ୍ଡିରେ ଶହ ଶହ ବସ୍ତା ଧାନ ପଡ଼ିରହିଛି। ଯେତିକି ଧାନ ଉଠୁଛି କଟନି ଛଟନି ଚାଷୀଭାଇମାନଙ୍କୁ ଅତ୍ୟନ୍ତ ବାଧୁଛି। ଏ ସମସ୍ତ ଦିଗ ପ୍ରତି ସରକାର ସଚେତନ ନହେଲେ ଆଗାମୀ ଦିନରେ କଂଗ୍ରେସ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସଭାପତି ଶ୍ରୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ପୃଥ୍ୱିବଲଭ ପଟ୍ଟନାୟକ, ସ୍ୱାଗତିକା ପଟ୍ଟନାୟକ, ପ୍ରଦୀପ ସ୍ୱାଇଁ, ଶିଶିର ପରିଡ଼ା, ଅମିତ ମହାନ୍ତି, ରଣଜିତ ମହାପାତ୍ର, ଅଶୋକ ମଙ୍ଗରାଜ ଉପସ୍ଥିତ ଥିଲେ।

